

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ

ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ

ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

| Vol.5 | Issue- 45 | April 18 to 24, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୪୫ | ଏପ୍ରିଲ୍ ୧୮ ରୁ ୨୪, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ !










## ○ ଭୟରେ ୫୦ଲକ୍ଷ ଲୋକ ୟୁକ୍ରେନ୍ ଛାଡିଲେଣି
## ○ ରୁଷ୍‌ର ଯୁଦ୍ଧ ଜାହାଜ 'ମସ୍କଭା'କୁ ଧ୍ୱଂସ କଲା ୟୁକ୍ରେନ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପାଖାପାଖି ଦୁଇ ମାସ ପୁରିବାକୁ ଯାଉଛି ମସ୍କୋର ୟୁକ୍ରେନ୍ ଆକ୍ରମଣକୁ। ରୁଷୀୟ ସୈନ୍ୟଙ୍କ ଘନଘନ ରକେଟ୍ ମାଡରେ କିଭ୍ ସମେତ ଅନେକ ସହର ଶ୍ମଶାନ ପାଲଟିବାକୁ ଯାଉଛି। ଏଭଳି ସମୟରେ କୃଷ୍ଣ ସାଗରରେ ରୁଷିଆର ଯୁଦ୍ଧଜାହାଜ 'ମସ୍କଭା'କୁ ୟୁକ୍ରେନ୍ ସୈନ୍ୟ କ୍ଷେପଣାସ୍ତ୍ର ମାଡ କରି ଧ୍ୱଂସବିଧ୍ୱଂସ କରିଦେଇଛି।

ଉକ୍ତ ଜାହାଜରେ ଆଣବିକ ଅସ୍ତ୍ରଶସ୍ତ୍ର ବୋଝେଇ ହୋଇଥିବାରୁ 'ନେପ୍‌ଚ୍ୟୁନ୍' କ୍ରୁଜ୍ ମିଶାଇଲ୍ ମାଡ ହେବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ମସ୍କୋଭା ଜାହାଜ ବୁଡିବାରେ ଲାଗିଥିବାବେଳେ ରୁଷିଆର ଏକ ସରକାରୀ ଟିଭି ଚ୍ୟାନେଲ୍ ଧମକ ଦେଇଛି 'ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଛି।'

ଗତ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆକ୍ରମଣ ଘୋଷଣା କରିବା ପରଠାରୁ ୟୁକ୍ରେନୀୟ ସୈନ୍ୟ କେବଳ ଆତ୍ମରକ୍ଷା କରୁଥିଲେ। କିନ୍ତୁ ଏପ୍ରିଲ୍ ୧୩ ରାତିରେ ରୁଷୀୟ କୃଷ୍ଣସାଗର ଫ୍ଲିଟ୍‌ରେ ସେମାନେ ଶକ୍ତି ଦେଖାଇଛନ୍ତି। ଏହି ଆକ୍ରମଣକୁ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରଥମେ ଖଣ୍ଡନ କରି ପ୍ରଥମେ ଅଗ୍ନିକାଣ୍ଡ ଯୋଗୁଁ ଜାହାଜର କିଛି ଅଂଶ ନଷ୍ଟ ହୋଇଯାଇଥିବା କହିଥିଲା। କିନ୍ତୁ ଜାହାଜକୁ ବନ୍ଦରକୁ ଟାଣିନେବା ପାଇଁ ଉଦ୍ୟମ ବିଫଳ ହେବାରୁ ଏହା ବୁଡିଯିବା ପରେ କ୍ରେମ୍‌ଲିନ୍ ସତ ମାନିବାକୁ ବାଧ ହେଲା। ଏହାର ସରକାରୀ ଟିଭି ଚ୍ୟାନେଲ୍ 'ରୁଷିଆ ୱାନ୍' ଉପସ୍ଥାପକ ଓଲ୍‌ଗା ସ୍କାବେୟେଭା ଚକିତ କରିଦେବା ଭଳି ମନ୍ତବ୍ୟ ଦେଇଛନ୍ତି। ଦର୍ଶକମାନଙ୍କୁ ସେ କହିଛନ୍ତି ୟୁକ୍ରେନ୍ ପକ୍ଷରୁ ଯାହା କରାଯାଇଛି ତାକୁ ତୃତୀୟ ବିଶ୍ୱଯୁଦ୍ଧ ବୋଲି କୁହାଯାଇପାରିବ। ଆମେ ଯଦି ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ୍(ନାଟୋ) ସହ ଯୁଦ୍ଧ କରୁନାହୁଁ ତେବେ ନିଶ୍ଚିତ ରୂପେ ଏହାର ଭିତ୍ତିଭୂମି ବିରୋଧରେ ଲଢେଇ କରୁଛୁ। ଏ କଥା ଆମକୁ ସ୍ୱୀକାର କରିବାକୁ ପଡିବ। କାର୍ଯ୍ୟକ୍ରମରେ ଭାଗନେଇଥିବା ଜଣେ ଗେଷ୍ଟ କହିଥିଲେ ଏହାକୁ ଯୁଦ୍ଧ ନ କହି ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବାକ୍ୟାଂଶ 'ସ୍ପେଶାଲ ମିଲିଟାରୀ ଅପରେଶନ୍' ବ୍ୟବହାର କରନ୍ତୁ। ସୋସିଆଲ୍ ମିଡିଆରେ ଏହି କ୍ଲିପ୍ ଭାଇରାଲ୍ ହେବାରେ ଲାଗିଛି।

ୟୁକ୍ରେନ୍ ଭୂଖଣ୍ଡକୁ ରୁଷୀୟ ସୈନ୍ୟ ଟାର୍ଗେଟ୍ ଆରମ୍ଭ କରିବା ପରଠାରୁ ଅଦ୍ୟାବଧି ୫ ନିୟୁତ ଲୋକ ଦେଶାନ୍ତରିତ ହୋଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ଶରଣାର୍ଥୀଙ୍କ ପାଇଁ ଜାତିସଂଘ ଉଚ୍ଚାୟୁକ୍ତ (ୟୁଏନ୍‌ଏଚ୍‌ଏସିଆର) କହିଛି ଯେ, ବିଗତ ୫୦ ଦିନ ମଧ୍ୟରେ ୪୭,୯୬,୨୪୫ ୟୁକ୍ରେନୀୟ ବିଭିନ୍ନ ସୀମା ଦେଇ ପଡୋଶୀ ଦେଶଗୁଡିକୁ ପଳାୟନ କରିଛନ୍ତି।

ୟୁକ୍ରେନ୍ ରାଜଧାନୀ କିଭ୍ ନିକଟସ୍ଥ ଯୁଦ୍ଧବିମାନ ଓ ଯୁଦ୍ଧଜାହାଜ ନିରୋଧୀ ମିଶାଇଲ୍ ନିର୍ମାଣ କରାଯାଉଥିବା ଏକ ପ୍ଲାଣ୍ଟ ଉପରେ ଶୁକ୍ରବାର ରୁଷିଆ ଆକ୍ରମଣ କରିଛି।

ୟୁକ୍ରେନୀୟ ସୈନ୍ୟଙ୍କ କ୍ଷେପଣାସ୍ତ୍ର ମାଡରେ ମସ୍କଭା ଯୁଦ୍ଧବିମାନ ଧ୍ୱସ୍ତବିଧ୍ୱସ୍ତ ହୋଇ ସମୁଦ୍ରରେ (ପୃଷ୍ଠା-୨)

# ଜଗତସିଂହପୁର ପୌର ଠିକାଦାରଙ୍କୁ ମିଳିବନି ଟଙ୍କା !

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ପୌର ପରିଷଦ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ବିରୋଧୀ କଂଗ୍ରେସ ଶାସକ ବିଜେଡି ଦଳର ଅଧ୍ୟକ୍ଷା ପ୍ରାର୍ଥିନୀଙ୍କୁ ଚକ୍‌ମା ଦେଖାଇ ମାତ୍ର ୩୨୦ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରି କଂଗ୍ରେସ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ପୌର ପରିଷଦ ଚୌକି ଅକ୍ତିଆର କରିବାରେ ସଫଳ ହୋଇଛି। ନୂତନ ଅଧ୍ୟକ୍ଷା ଶ୍ରୀମତୀ ସିଂହଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ମଧ୍ୟ କରାଯାଉଛି। ଜଗତସିଂହପୁର ପୌର ପରିଷଦ ଅଞ୍ଚଳରେ ଶାସକ ଦଳ କ୍ଷମତାରେ ଥିବାବେଳେ ବିରୋଧୀ କଂଗ୍ରେସ ଅଧ୍ୟକ୍ଷ ଚୌକି ଅକ୍ତିଆର କରିବା ଜଗତସିଂହପୁର ସହରବାସୀଙ୍କ ପାଇଁ ଶୁଭଙ୍କର ହୋଇପଡିଛି ବୋଲି କୁହାଯାଉଛି। ସହରବାସୀଙ୍କ ଲାଗି ଆସୁଥିବାସରକାରୀଅନୁଦାନବ୍ୟୟବାବଦସ୍ୱଚ୍ଛତା ରହିବ ବୋଲି ମଧ୍ୟ କୁହାଯାଉଛି। ଅନ୍ୟପକ୍ଷରେ, ପୂର୍ବରୁ ଶାସକ ବିଜେଡି ଦଳର କିଛି ନେତା ପୌର ପରିଷଦ ଅଧୀନରେ ଠିକାଦାରୀ କରୁଥିବାଙ୍କ ଏବେ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଶୁଣାଯାଉଛି। ବୁଝିବାରୁ କଂଗ୍ରେସ କ୍ଷମତାକୁ ଫେରିବା ପରେ ବିଜେଡି ଦଳର ଠିକାଦାରୀ କରୁଥିବା ନେତାଙ୍କ ଟଙ୍କା ମିଳିବା ସହଜ ନ ହୋଇପାରେ ବୋଲି କୁହାଯାଉଛି। କେତେକ ଚତୁର କୁଜି ନେତାମାନେ ନିଜ ନାମକୁ ଗୋପନ ରଖି କର୍ମୀଙ୍କ ମାଧ୍ୟମରେ କାମ କରୁଥିବା ଏବେ ସ୍ପଷ୍ଟ ହେବାକୁ ଯାଉଛି। କୁଆଡେ ପୂର୍ବରୁ କାମ କରୁଥିବା ଓ କରିଥିବାଙ୍କ କାମ ଯାଞ୍ଚ ହେବ ତଦନ୍ତକାରୀ ସଂସ୍ଥା ଦ୍ୱାରା ବୋଲି କୁହାଯାଉଛି। ଜନୈକ ଅଧ୍ୟକ୍ଷ ପ୍ରାର୍ଥିନୀଙ୍କ ସ୍ୱାମୀ ଲୁଚାଚୋରାରେ କୁଆଡେ କୋଟି କୋଟି ଟଙ୍କାର କାମ କରିଥିବା ଏବଂ କ୍ଷମତାକୁ ଆସିଲା ପରେ ଉକ୍ତ ଠିକାଦାରୀ ବାବଦ ଅର୍ଥ ପାଇବା ନେଇ ଯେଉଁ ସହଜ ମନେ କରୁଥିଲେ ଏବେ ପରାଜୟ ପରେ ସେ ଅର୍ଥ ମିଳିବା କଷ୍ଟକର ବ୍ୟାପାର ହୋଇପଡିବ ବୋଲି ମଧ୍ୟ ଶୁଣାଯାଉଛି। କଥାରେ ଅଛି 'ଧର୍ମର ଯୁଗେ ଯୁଗେ ଜୟ' ଯେଉଁ ନେତା ଜନସାଧାରଣଙ୍କ ଲାଗି ଆସୁଥିବା ସରକାରୀ ଅର୍ଥକୁ ହଡପ କରୁଛନ୍ତି ସେମାନେ କେବେ ସୁସ୍ଥ ଓ ବେଶି ଦିନ ବଞ୍ଚନ୍ତି ନାହିଁ ବୋଲି କୁହାଯାଉଛି। ଯିଏ ଅଙ୍ଗାର ନିଆଁ ଗିଳିଛି ସେ ...... ନିଶ୍ଚିତ। ଏବେ ଶାସକ ଦଳର କେତେକ କୁଜିନେତା କାମ କରି ଏବେ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଶୁଣାଯାଉଛି।

# ପୁରୀ ଡ୍ରେନେଜ୍ ଡିଭିଜନ୍ SE ଆଶିଷ ମିଶ୍ରଙ୍କ ବିରୁଦ୍ଧରେ ସାଙ୍ଘାତିକ ଅଭିଯୋଗ

## ସଚିବ ଅନୁ ଗର୍ଗ ଓ ମୁଖ୍ୟଯନ୍ତ୍ରୀ ବାଲୁଙ୍କେଶ୍ୱର ସାହୁ କ'ଣ ପାଇଁ ନୀରବ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପୁରୀ ଡ୍ରେନେଜ୍(ଜଳ ନିଷ୍କାସନ) ଡିଭିଜନ୍‌ର ସୁପରିଟେଣ୍ଡେଣ୍ଟ୍ ଇଂଜିନିୟର ଆଶିଷ କୁମାର ମିଶ୍ରଙ୍କ ବିରୁଦ୍ଧରେ ସାଙ୍ଘାତିକ ଅଭିଯୋମାନ ହେଉଥିବା ବେଳେ ବିଭାଗର ସଚିବ ଅନୁଗର୍ଗ ଓ ମୁଖ୍ୟଯନ୍ତ୍ରୀ ବାଲୁଙ୍କେଶ୍ୱର ସାହୁଙ୍କ ନୀରବ ଅଭିଯୋଗକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ଶୁଣାଯାଉଛି। ଜଗତସିଂହପୁରରୁ SE ମିଶ୍ର ବଦଳି ହୋଇ ଯିବାପରେ ପୁରୀରେ ତାଙ୍କ ବିରୁଦ୍ଧରେ ସ୍ଥାନୀୟ ଅଧିବାସୀ ଓ ଠିକାଦାରମାନେ ଅଭିଯୋଗ କରୁଥିବା ନେଇ ସଚିବାଳୟ ଠୁଁ ଆରମ୍ଭ କରି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। କ'ଣ ପାଇଁ SE ମିଶ୍ରଙ୍କୁ ମହାଶୟା ସଚିବ ଅନୁ ଗର୍ଗ ଘଣ୍ଟ ଘୋଡାଉଛନ୍ତି ବୋଲି ବିଭିନ୍ନ ମହଲରେ ଆଶ୍ଚର୍ଯ୍ୟପ୍ରକଟ କରାଯାଉଛି। ମହାଶୟା ସଚିବ ଶ୍ରୀମତୀ ଗର୍ଗ ଜଣେ ଦକ୍ଷ ଆଇଏଏସ୍ ଅଫିସର ଭାବେ ସୁପରିଚିତ ମହିଳା ଅଫିସର୍। ତାଙ୍କ ନାଁ ଶୁଣିଲେ ଅଫିସର ଓ କର୍ମଚାରୀଙ୍କ ମହଲରେ ଯେତିକି ପ୍ରଶଂସା କରାଯାଇଥାଏ ତା'ର ଦୁଇଗୁଣ ତାଙ୍କର ଦକ୍ଷତାକୁ ନେଇ ଭୟ ମଧ୍ୟ କରାଯାଇଥାଏ। ଏପରି ଅଭିଯୋଗ SE ଇଂ. ମିଶ୍ରଙ୍କ ବିରୁଦ୍ଧରେ ଶୁଣାଯାଉଥିବା ବେଳେ ତାଙ୍କୁ ବାରମ୍ବାର "ସଂପର୍କବାର୍ତ୍ତା" ତରଫରୁ ଫୋନ୍ କରାଯାଉଥିଲେ ମଧ୍ୟ ରିସିଭ୍ କରୁନଥିବା ଦୁଃଖର ବିଷୟ ବୋଲି ଅଭିଯୋଗ ହେଉଛି। ଏହି ଅଭିଯୋଗ ସଂକ୍ରାନ୍ତରେ ବିସ୍ତୃତ ବିବରଣୀ ହାତେଇବା ପାଇଁ ଚେଷ୍ଟା ଜାରି ରହିଛି। ତାଙ୍କର କେତେକ ବଦ୍ୟ ଅଭ୍ୟାସକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି।

# ଜଗତସିଂହପୁରରେ ନୂତନ 'ସ୍ୱସ୍ତିକ୍ ହସ୍ପିଟାଲ'

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ସଦର ମହକୁମା ସ୍ଥିତ ଚର୍ଚ୍ଚିକା ବଜାରଠାରେ 'ସ୍ୱସ୍ତିକ୍ ହସ୍ପିଟାଲ'ର ଉଦଘାଟନ ହୋଇଯାଇଅଛି। ଏହି ହସ୍ପିଟାଲକୁ ସିଡିଏମ୍‌ଓ ଡ. କ୍ଷେତ୍ରବାସୀ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ତେବେ ଆଧୁନିକ ଚିକିତ୍ସା କ୍ଷେତ୍ରରେ ଏହି ହସ୍ପିଟାଲ ଜଗତସିଂହପୁର ଜିଲ୍ଲାର ଲୋକଙ୍କ ପାଇଁ ସହାୟକ ହେବା ସହ ସମସ୍ତ ଅତ୍ୟାଧୁନିକ ପଦ୍ଧତିରେ ରୋଗ ନିରୂପଣ କରାଯିବା, ଏବଂ ସର୍ବୋପରି ସହଜ ଏବଂ ସୁଲଭ ମୂଲ୍ୟରେ ରୋଗୀଙ୍କୁ ଅତ୍ୟାଧୁନିକ ତଥା ଉନ୍ନତମାନର ସେବା ପ୍ରଦାନ କରାଯିବ ବୋଲି ହସ୍ପିଟାଲର ମୁଖ୍ୟ ତଥା ଡାଇରେକ୍ଟର ଡ. ଅଚ୍ୟୁତ ଚରଣ ମହାନ୍ତି ପ୍ରକାଶ କରିଛନ୍ତି। ଏଠାରେ ଗରିବ ତଥା ଅସହାୟ ରୋଗୀଙ୍କ ଠାରୁ ଆରମ୍ଭ କରି ଆର୍ଥିକ ସଚ୍ଛଳ ବର୍ଗ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ସେବା ଉପଲବ୍ଧ ରହିଥିବା ଜଣାପଡିଛି। ତେବେ ଆଜିର ଏହି ଉଦଘାଟନୀ ଉତ୍ସବରେ ଡ. ରଘୁନାଥ ଦାସ, ଡ. ଦୟାନିଧି ଜେନା, ଡ. ସୁଦ୍ଧାକର



ବିଶ୍ୱାଳଙ୍କ ସମେତ ସ୍ୱସ୍ତିକ୍ ହସ୍ପିଟାଲର କର୍ମକର୍ତ୍ତା ଅସିତ ମହାନ୍ତି, ଆଦିତ୍ୟ ମହାନ୍ତି, ହସ୍ପିଟାଲରେ କାର୍ଯ୍ୟରତ ସମସ୍ତ ଡାକ୍ତର, ନର୍ସ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ୨୦୨୪ରେ ମାଲକାନଗିରିକୁ ମିଳିବ ବିମାନ ସେବା-ମୁଖ୍ୟ ସଚିବ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆସନ୍ତା ୨୦୨୧୪ମାର୍ଚ୍ଚ ସୁଦ୍ଧା ମାଲାକାନଗିରି ବିମାନ ସେବା ଆରମ୍ଭ ହେବ ବୋଲି ମୁଖ୍ୟ ସଚିବ ସୁରେଶ ସୂଚନା ଦେଇଛନ୍ତି। ୪ଦିନିଆ କୋରାପୁଟ ଓମାଲାକାନଗିରି ଗସ୍ତରେ ଯାଇଥିବା ମୁଖ୍ୟ ସଚିବ ଶ୍ରୀ ମହାମାତ୍ର ଆଜି ମାଲକାନଗିରି ଜିଲ୍ଲାର ବିରଷ୍ଠ ଅଧିକାରୀମାନେଙ୍କ ସହ ବିଭିନ୍ନ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ୪ଦିନିଆ କୋରାପୁଟ ଓ ମାଲକାଗିରି ଗସ୍ତରେ ଯାଇଥିବା ମୁଖ୍ୟ ସଚିବ ଶ୍ରୀ ମହାପତ୍ର ଆଜି ମାଲକାନଗିରି ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ସମୀକ୍ଷା କରିବା ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ,



ମାଲକାନଗିରିରେ ପ୍ରସ୍ତାବିତ ଏୟାରଷ୍ଟ୍ରିପ୍ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି ଓ ଜଙ୍ଗଲ ଅନୁମତି ମଧ୍ୟ ପ୍ରକଳ୍ପରୁ ମିଳିସାରିଛି। ଏହି ଏୟାରଷ୍ଟ୍ରିପ୍‌ନିର୍ମାଣ ପାଇଁ ରାଜ୍ୟ ସରକାର ଖୁବଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆହ୍ୱାନ କରିବେ। ଫଳରେ ୨୦୧୪ମାର୍ଚ୍ଚ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହୋଇ ଏଠାରୁ ବିମାନ ସେବା ହୋଇପାରିବ। ଶ୍ରୀମହାପାତ୍ର ଜିଲ୍ଲାର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ ଶେଷ କରିବା ପରେ କ୍ଷେତ୍ର ପରିଦର୍ଶନରେ ଯାଇ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିଛନ୍ତି। ଶ୍ରୀ ମହାପାତ୍ର ଆସନ୍ତାକାଲି ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକରେ ସ୍ୱାଭିମାନ ଅଂଚଳ ଓ ମୋଟୁ ବ୍ଲକକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ସେ କୋରାପୁଟରେ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସମୀକ୍ଷା କରିବେ ବୋଲି ଜଣାପଡିଛି। ସମୀକ୍ଷା ବୈଠକରେ ସଡକ ଯୋଗାଯୋଗ ପାନୀୟ ଜଳ, କୃଷିଉଦ୍ୟାନ କୃଷି, ସାମାଜିକ ସୁରକ୍ଷା ଓ କୃଷିଉଦ୍ୟୋଗକୁ ପ୍ରୋତ୍ସହନ ଆଦି ପ୍ରସଙ୍ଗ ଉପରେ ମୁଖ୍ୟ ସଚିବ ଗୁରୁତ୍ୱ ହେଇଥିବା ଜଣା ପଡିଛି। ମୁଖ୍ୟ ସଚିବ ଶ୍ରୀ ମହାପାତ୍ରଙ୍କ ସହ ବୋର୍ଡ ଅଫ ରେଭନ୍ୟୁ ସଦସ୍ୟ ଜିଭିଭି ଶର୍ମା ମଧ୍ୟ ଗସ୍ତ କରିଛନ୍ତି।

# ବିଜେଡି ବାଟ ଦେଖାଇବ ଭାରତୀୟ ରାଜନୀତିକୁ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଯେଉଁ ବିଜେପିର ନେତୃତ୍ୱ ଦାବି କରନ୍ତି ଯେ ତାଙ୍କର ଦଳ ହେଉଛି ବିଶ୍ୱର ସର୍ବବୃହତ ଦଳ ଏବଂ ଯେଉଁ ବିଜେପି ସର୍ବଭାରତୀୟ ସ୍ତରରେ କଂଗ୍ରେସ ଭଳି ଜାତୀୟ ଦଳକୁ ଉତ୍ତର ପ୍ରଦେଶ, ଗୋଆ, ମଣିପୁର ଓ ଉତ୍ତରାଖଣ୍ଡରେ ସମ୍ପ୍ରତି ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ପରାସ୍ତ କରିଛି, ସେହି ବିଜେପି ଓଡ଼ିଶାରେ ବିଜେଡି ଭଳି ଏକ ଆଞ୍ଚଳିକ ଦଳ ଠାରୁ ଜିଲ୍ଲା ପରିଷଦ ଓ ପୌରାଞ୍ଚଳ ନିର୍ବାଚନରେ ଶୋଚନୀୟ ଭାବେ ପରାସ୍ତ ହେଲା।

ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିଲା ଯେ ବିଜେପି ୨୦୧୯ରେ ୨୩ ବିଧାୟକ ଆସନ ଜିତି ଓ ମୋଟ ଭୋଟ୍‌ର ଶତକଡା ୩୮.୪ ଅଂଶ ପାଇ ଓଡ଼ିଶା ରାଜନୀତିରେ ନିଜର ସ୍ଥାନକୁ ବେଶ୍ ମଜବୁତ୍ କରିପାରିଛି। ୨୦୧୭ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେପି ପ୍ରାୟ ୩୦୦ ଆସନରେ ବିଜୟ ଲାଭ କରି ବିଜେଡି ର ମୁଖ୍ୟ ପ୍ରତିଦ୍ୱନ୍ଦୀ ଭାବେ ଆଗକୁ ବଢିବାର ସବୁ ସୂଚନା ଦେଇଥିଲା। ତେବେ ଫେବୃୟାରୀ ୨୦୨୨ରେ ହୋଇଥିବା ଜିଲ୍ଲା ପରିଷଦ ଓ ପୌରାଞ୍ଚଳ ନିର୍ବାଚନରେ ଯଦିଓ ବିଜେପି ଦ୍ୱିତୀୟ ସ୍ଥାନ ପାଇଛି, ବିଜେଡି ଠାରୁ ବହୁତ ପଛରେ ପଡିଯାଇଛି। ବିଜେଡି ଜିଲ୍ଲା ପରିଷଦରେ ମୋଟ ୮୫୩ ଆସନରୁ ୭୬୬ଟି ଜିତିବା ସ୍ଥଳେ ବିଜେପି ମାତ୍ର ୪୧ ଓ କଂଗ୍ରେସ ୩୭ ଆସନରେ ବିଜୟୀ ହୋଇ ପାରିଛନ୍ତି। ରାଜ୍ୟର ୩୦ ଜିଲ୍ଲାର ୩୦ଟି ଜିଲ୍ଲା ପରିଷଦ ବିଜେଡିର ଆୟତ୍ତରେ ରହିଲା ବେଳେ ବିରୋଧୀ ଦଳମାନଙ୍କ ପାଖରେ ଗୋଟିଏ ମଧ୍ୟ ନାହିଁ। ପୌରାଞ୍ଚଳର



୧୦୮ ଆସନରୁ ବିଜେଡି ୯୫ ଆସନରେ ବିଜୟୀ ହୋଇଥିବା ବେଳେ ବିଜେପି ଓ କଂଗ୍ରେସ ଯଥାକ୍ରମେ ମାତ୍ର ୬ ଏବଂ ୪ ଆସନରେ ବିଜୟୀ ହୋଇଛନ୍ତି। ସୁତରାଂ, ଜିତି ଥିବା ପ୍ରାର୍ଥୀଙ୍କ ତାଲିକାରେ ବିଜେଡି ତୁଳନାରେ ବହୁତ ନିମ୍ନରେ ଅଛନ୍ତି। ଭୋଟ ସଂଖ୍ୟାରେ ମଧ୍ୟ ବିଜେଡି ଉଭୟ ବିଜେପି ଓ କଂଗ୍ରେସ ଠାରୁ ବହୁତ ଆଗରେ ରହିଛି। ଉଦାହରଣ ସ୍ୱରୂପ କାଉନସିଲରମାନଙ୍କ ପାଇଁ ହୋଇଥିବା ନିର୍ବାଚନରେ ବିଜେଡି ଶତକଡା ୫୦ ଭୋଟ ପାଇଥିବା ବେଳେ ବିଜେପି ୨୭ ପ୍ରତିଶତ ଓ କଂଗ୍ରେସ ୧୨ ପ୍ରତିଶତ ଭୋଟ ପାଇଛନ୍ତି। ପୌରାଞ୍ଚଳର ସଭାପତି ପଦ ଓ ତିନିଟି ମୁନିସିପାଲିଟି କର୍ପୋରେସନ୍‌ର ମେୟର ପାଇଁ କରାଯାଇଥିବା ନିର୍ବାଚନରେ ବିଜେଡିର ବିପୁଳ ବିଜୟ ହୋଇଛି। ମୋଟ ଭୋଟ୍‌ର ୪୮ ପ୍ରତିଶତ ବିଜେଡି ପାଇଥିଲା ବେଳେ ବିଜେପି ଓ କଂଗ୍ରେସ ଯଥାକ୍ରମେ ୨୯ ଓ ୧୨ ପ୍ରତିଶତ ପାଇ ବହୁ ପଛରେ ଅଛନ୍ତି।

ବିଜେପିର ଉତ୍ତର ପ୍ରଦେଶ, ଗୋଆ, ମଣିପୁର ଓ ଉତ୍ତରାଖଣ୍ଡରେ ଐତିହାସିକ ବିଜୟ ପରେ ଓଡ଼ିଶାରେ ହୋଇଥିବା ପରାଜୟ ଦର୍ଶାଉଛି ଯେ ବିଜେପି ଜାତୀୟ ସ୍ତରର ରାଜନୈତିକ ଦଳଗୁଡିକୁ ପରାହତ କରୁଥିବା ବେଳେ ଗୋଟିଏ ଆଞ୍ଚଳିକ ଦଳ ଦ୍ୱାରା ବାରମ୍ବାର ପରାଜିତ ହୋଇ ଚାଲିଛି। ବିଜେଡି ଦୀର୍ଘ ୨୨ ବର୍ଷ ଧରି କ୍ଷମତାରେ ଅଛି ଓ ଲୋକଙ୍କ ଅକାତର ସମର୍ଥନ ଅନବରତ ଭାବେ ପାଇ ଆସୁଛି। ଏହା ଭାରତର ନିର୍ବାଚନ ଇତିହାସରେ (ପୃଷ୍ଠା-୨)

# ଡବ୍ଲୁଟିଓ ଅନୁମତି ଦେଲେ ତାହାଲେ ଭାରତ, ସାରା ପୃଥିବୀରେ ଖାଦ୍ୟ ଯୋଗାଇବାକୁ ପ୍ରସ୍ତୁତ ଅଛି:ମୋଦି


**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଯଦି ଡବ୍ଲ୍ୟୁଟିଓ ଅନୁମତି ଦିଏ ତାହାହେଲେ ଭାରତ ସାରା ବିଶ୍ୱକୁ ଖାଦ୍ୟ ସାମଗ୍ରୀ ଯୋଗାଇବାକୁ ପ୍ରସ୍ତୁତ ଅଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଛନ୍ତି। ତେବେ ଆମେରିକାର ରଷ୍ଟ୍ରପତି ଜୋ ବାଇଡେନଙ୍କ ସହ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପରି କହିଥିବାର ଦେଖିବାକୁ ମିଳିଛି।



ଏପରିକି ଭାରତର ଖାଦ୍ୟ ଭଣ୍ଡାର ପୃଥୀର ବିଭିନ୍ନ ଦେଶକୁ ଯୋଗାଇବାକୁ ମୋଦି ଅଫର ଦେଇଥିଲେ। ଏ ସମ୍ପର୍କରେ ଭିଡିଓ କନଫରେନ୍ସିଂ ଜରିଆରେ ଗୁଜୁରାଟରେ ଅଦଲରେ ଶ୍ରୀ ଅନ୍ନପୂର୍ଣ୍ଣା ଧାମ ଟ୍ରଷ୍ଟର ହଷ୍ଟେଲ ଏବଂ ଶିକ୍ଷା କମ୍ପ୍ଲେକ୍ସର ଉଦଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେପଟେ ରୁଷିଆ -ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଯୁଦ୍ଧ ଯୋଗୁଁ ପୃଥୀର ବିଭିନ୍ନ ସ୍ଥାନରେ ଖାଦ୍ୟ ସାମଗ୍ରୀ ହ୍ରାସ ପାଉଛି। ଫଳରେ ଦୁନିଆ ଏକ ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହୋଇଛି। ବିଭିନ୍ନ ଦେଶ ଯାହା ଆବଶ୍ୟକ କରୁଛନ୍ତି ତାହା କେହି ପାଇପାରୁ ନାହାନ୍ତି। ପେଟ୍ରୋଲ୍ ତେଲ ଏବଂ ସାରର ଉପଲବ୍ଧତା ହ୍ରାସ ପାଉଛି ବୋଲି କହିଛନ୍ତି। ବର୍ତ୍ତମାନ ପୃଥିବୀ ଏକ ନୂତନ ଏବଂ ସବୁଠୁ ବଡ ସମସ୍ୟାର ସମ୍ମୁଖୀନ ହେବାରେ ଲାଗିଛି। ପୃଥିବୀର ଖାଦ୍ୟ ଭଣ୍ଡାର ଶୂନ୍ୟ ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ଆମେରିକାର ରଷ୍ଟ୍ରପତିଙ୍କ ସହ କଥାବାର୍ତ୍ତା ସମୟରେ ଏହି ପ୍ରସଙ୍ଗ ଉଠାଇଥିଲେ। ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ଡବ୍ଲୁଟିଓ ଅନୁମତି ଦେଲେ ଆସନ୍ତା କାଲି ଠାରୁ ଭାରତ ଖାଦ୍ୟ ସାମଗ୍ରୀ ଯୋଗାଇବାକୁ ପ୍ରସ୍ତୁତ ଅଛି। ଏହା ସହ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମର କୃଷକମାନେ ମଧ୍ୟ ପୃଥବୀବାସୀଙ୍କୁ ଖାଇବାକୁ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ତଥାପି ଆମକୁ ପୃଥିବୀର ବାଣିଜ୍ୟ ନିୟମ ଅନୁଯାୟୀ କରିବାକୁ ପଡିବ। ତେବେ ଡବ୍ଲୁଟିଓ କେବେ ଅନୁମତି ଦେବ ଏବଂ ଆମେଁ କେବେ ପୃଥିବୀକୁ ଖାଦ୍ୟ ଯୋଗାଇ ପାରିବା ତାହା ସମୟ କହିବି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଖବର ସାମ୍ନାକୁ ଆସିବା ପରେ ସାରା ଦେଶର ରାଜନୈତିକ ମାହୋଲ ବେଶ ଚଳଚଞ୍ଚଳ ହୋଇ ଉଠିଛି।

# ରଙ୍ଗିଲା ପାକ୍ ପ୍ରଧାନମନ୍ତ୍ରୀଙ୍କ ୫ପତ୍ନୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଚର୍ଚ୍ଚରେ ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଶାହବାଜ ଶରିଫ । ଇମ୍ରାନ ଖାନ ଭୋଟରେ ହାରିବା ପରେ ଶାହବାଜ ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କର ରଙ୍ଗୀନ ବ୍ୟକ୍ତିଗତ ଜୀବନକୁ ନେଇ ତଥ୍ୟ ସାମ୍ନାକୁ ଆସିଛି। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ୩ଜଣ ପତ୍ନୀଥିବା ବେଳେ ଶାହବାଜଙ୍କ ପତ୍ନୀଙ୍କ ସାମ୍ନାକୁ ଆସିଛି। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ୩ଜଣ ପତ୍ନୀ ଥିବା ବେଳେ ଶାହବାଜଙ୍କ ପତ୍ନୀ ସଂଖ୍ୟା ୫ ଶାହବାଜ ତାଙ୍କର ଦ୍ୱିତୀୟ ପତ୍ନିରେ ପ୍ରେମରେ ଏତେ ହଜି ଯାଇଥିଲେ ଯେ ତାଙ୍କ ପାଇଁ ଗୋଟିଏ ବ୍ରିଜ୍ ମଧ୍ୟ ତିଆରି କରିଥିଲେ । ସବୁଠାରୁ ଗୁରୁତ୍ୱପର୍ଣ୍ଣ କଥା ହେଲା , ଶାହାବାଜଙ୍କ ୫ଜଣ ପତ୍ନୀ ଥିଲେ ମଧ୍ୟ ଶରିଫ ପରିବାର କେବଳ ତାଙ୍କର ବାହାଘର ବେଗମ ନୁସରତ ଶାହାବାଜ ଓ ତେହମୀନା ଦୁରାନିଙ୍କ ସହ ହୋଇଥିବା ଖବର ରଖିଛି। ବାକି ୩ଜଣଙ୍କୁ ବିବାହ କରି ନଥିଲେ ମଧ୍ୟ ସମସ୍ତଙ୍କ ସହ ସମ୍ପର୍କ ରଖିଥିଲେ। ଶାହାବାଜଙ୍କ ୨ପୁଅ ଓ ୪ଝିଅ ଅଛନ୍ତି।



ଶାହବାଜଙ୍କ ୫ପତ୍ନୀ

୧- ବେଗମ ନୁସରତ ଶାହାବାଜ-୧୯୩୭ରେ ଶାହବାଜ ଶରିଫ ତାଙ୍କା ସମ୍ପର୍କୀୟ ଭଉଣୀ ବେଗମ ନୁସରତ ଶାହାବାଜଙ୍କୁ ବିବାହ କରିଥିଲେ। ନୁସରତ ହେଉଛନ୍ତି। ଶାହାବାଜଙ୍କୁ ବିବାହ କରିଥିଲେ । ନୁସରତ ହେଉଛନ୍ତି ଶାହବାଜଙ୍କ ପ୍ରଥମ ପତ୍ନୀ ଓ ସେମାନଙ୍କର ୪ଜଣ ସନ୍ତାନ ରହିଛନ୍ତି।

୨- ଆଲିୟା ହନୀ-୧୯୯୩ରେ ଶାହବାଜ ମଡେଲ ଆଲିୟା ହନୀଙ୍କୁ ବିବାହ କରିଥିଲେ। ଏହାପୂର୍ବରୁ ହିଁ ତାଙ୍କ ପ୍ରଥମ ପତ୍ନିଙ୍କ ଦେହାନ୍ତ ହୋଇଥିଲା ଆଲିୟା ଓ ଶାହବାଜଙ୍କ ସମ୍ପର୍କରୁ ନେଇ ବହୁତ ଚର୍ଚ୍ଚା ହେଉଥିଲେ। ଏହି ବ୍ରିଜର ନାଁ ଆଲିୟାଙ୍କ ସ୍ମୃତି ପାଇଁ ହନୀ ବ୍ରିଜ୍ ରଖାଯାଇଥିଲ। ତେବେ ପରବର୍ତ୍ତୀ ଅବସ୍ଥାରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ହୋଥିଲା ସାଉଦି ଆରବରେ ନିର୍ବାସିତ ଜୀବନ ବିତାଉଥିବା ବେଳେ ହିଁ ଶାହାବାଜ ଓ ଆଲିର୍ୟାଙ୍କ ମଧ୍ୟରେ ତଲାକ ହୋଇଯାଇଥିଲା ତଲାକର କିଛି ମାସ ପରେ ସନ୍ଦେଜନକ ଭାବେ ଆଲିୟାଙ୍କ ମୃତ୍ୟୁଘଟିଥିଲା ଉଭୟଙ୍କର ଗୋଟିଏ ଝିଅ ରହିଛନ୍ତି।

୩- ନିଲୋଫର ଖୋସା - ଆଲିୟା ହନୀଙ୍କ ସହ ସମ୍ପର୍କ ରଖିଥିବା ବେଳେ ଅର୍ଥାତ ୧୯୧୩ରେ ଶାହବାଜ ଶରିଫ ଖୋସାଙ୍କୁ ମଧବିବାହ କରିଥିଲେ। ତେବେ ନିଲେଫରଙ୍କ ସହ ମଧ୍ୟ ଶାହବାଜଙ୍କ ସମ୍ପର୍କ ବେଶୀ ଦିନ ତିଷ୍ଠି ପାରି ନଥିଲା

୪- ତେହମାନୀ ଦୁରାନି -ପାକିସ୍ତାନର ଜଣେ ପ୍ରଖ୍ୟାତ ଲେଖକ , ସାମାଜିକ କର୍ମୀ ଓ କଳାକାର ଭାବେ ତେହମୀନା ଦୁରାନି ବେଶ ପରିଚିତ ଉଭୟ ୨୦୦୩ରେ ଶରିଫ ପରିବାରବର୍ଗଙ୍କ ଅନୁମତି କ୍ରମେ ବିବାହ କରିଥିଲେ। ଏହା ପୂର୍ବରୁ ଉଭୟଙ୍କ ମଧ୍ୟରେ ବେଶ କିଛି ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲେ।

୫- କାଲସୋମ ହାୟ – ଶାହବାଜ ଶରିଫଙ୍କ ୫ମିପତ୍ନୀ ହେଉଛନ୍ତି କାଲସୋମ ହାୟା ୨୦୨୧ରେ ଉଭୟ ବିବାହ କରିଥିଲେ ମଧ୍ୟ ସେମାନଙ୍କ ବିଚ୍ଛେଦ ହୋଇସାରିଛି। କାହାକୁ କିଛି ନ ଜଣାଇ ଶାହବାଜ ଗୁପ୍ତ ଭାବେ କାଲସେମାଙ୍କୁ ବିବାହ କରିଥିଲେ । ଉଭୟ ବେଶ କିଛି ବର୍ଷ ଧରି ଏକାଠି ରହିଥିଲେ। ହେଲେ ଏକଥାକୁ ଶରିଫ କିମ୍ବା କାଲସୋମ କେବେ ହେଲେ ସ୍ୱୀକାର କରିନାହାନ୍ତି।

# ଏଟିଏମ୍‌ରୁ ଟଙ୍କା ଉଠାଣର ବଦଳିଛି ନିୟମ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଏସବିଆଇ ଗ୍ରାହକ ପାଇଁଜରୁରୀ ଖବର । ବ୍ୟାଙ୍କ ନିଜ ଗ୍ରାହକମାନଙ୍କୁ ଏଟିଏମ୍ ଠକେଇରୁ ବଂଚବା ପାଇଁ ଏକ ଖାସ୍ ସୁବିଧା ଦେଇଛି। ପ୍ରକୃତ କଥା ହେଲା, ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଉଠାଣ ନିୟମରେ ପରିବର୍ତ୍ତନ ହୋଇଛି। ଏଟିଏମ୍ ଟ୍ରାଞ୍ଜାକ୍ସନକୁ ଆହୁରି ଅଧିକରିବା ପାଇଁ ଏସ୍‌ବିଆଇ ଏହି ପଦକ୍ଷେପ ଗ୍ରହଣ କରିଛି। ଏବେ ବ୍ୟାଙ୍କର ଏଟିଏମ୍‌ରୁ ଟଙ୍କା ଉଠାଇବା ଓଟିପି ବାଧ୍ୟତାମୂଳକ ହୋଇଯାଇଛି। ଯଦି ଆପଣ ଏଟିଏମ୍ ଠକେଇରୁ ବଂଚିବାକୁ ଚାହୁଁଛନ୍ତି ତ ଏହି ଖାସ୍ ସୁବିଧା ଲାଭ ନିଶ୍ଚୟ ଉଠାନ୍ତୁ। ଏହି ନୂଆ ନିୟମ ଅଧିନରେ ଗ୍ରାହକମାନେ ବିନା ଓଟିପିରେ ଟଙ୍କା ବାହାର କରି ପାରିବେ ନାହିଁ । ଏଥିରେ ଟଙ୍କା ଉଠାଇବା ସମୟରେ ଗ୍ରାହକମାନଙ୍କା ମୋବାଇଲକୁ ଏକ ଓଟିପି ଆସିଥାଏ, ଯାହାକୁ ଦେବା ପରେ ହିଁ ଏଟିଏମ୍ ରୁ ଟଙ୍କା ବାହାରିଥାଏ। ବ୍ୟାଙ୍କ ସୂଚନା ଦେଇ କହିଛି ଯେ ଏଟିଏମ୍‌ରେ ଟ୍ରାଞ୍ଜାକ୍ସନ ପାଇଁ ଆମର ଓଟିପି ଆଧାରିତ ନଗଦ ଉଠାଣ ପ୍ରଣାଳୀ କେମିତି କାମ କରିଥାଏ।



କହି ରଖୁଛୁ ୧୦,୦୦୦ଏବଂ ଏହାଠୁ ଅଧିକ ଟଙ୍କା ଉଠାଣ ଉପରେ ଏହି ନିୟମ ଲାଗୁ ହୋଇଛି। ଏସ୍‌ବିଆଇ ଗ୍ରାହକ ପ୍ରତ୍ୟେକ ଥର ନିଜ ପଞ୍ଜୀକୃତ ମୋବାଇଲ ନମ୍ବରରେ ଜାରି ଓଟିପି ଏବଂ ନିଜ ଡେବିଟ୍ କାର୍ଡ ପିନ୍ ଦେଇ ଏଟିଏମ୍‌ରୁ ୧୦,୦୦୦ କିମ୍ବା ଏହାଠୁ ଅଧିକ ଟଙ୍କା ଉଠାଇ ପାରିବେ।

ଜାଣନ୍ତୁ ପୂରା ପ୍ରକ୍ରିୟା-

ଏସ୍‌ବିଆଇ ଏଟିମ୍‌ରୁ ନଗଦ ଉଠାଇବା ପାଇଁ ଆପଣଙ୍କୁ ଏକ ଓଟିପିର ଆବଶ୍ୟକତା ପଡିବ। ଏଥିପାଇଁ ଆପଣଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏକ ଓଟିପି ପଠାଯିବ।

ଏହି ଓଟିପି ୪ଅଙ୍କ ବିଶିଷ୍ଟ ସଂଖ୍ୟା ହୋଇଥିବ, ଯାହା ଗ୍ରାହକଙ୍କୁ ସିଙ୍ଗଲ ଟ୍ରାଞ୍ଜାକ୍ସନ ପାଇଁ ମିଳିବ।

ଯେତେବେଳେ ଆପଣ ଉଠାଇବାକୁ ଚାହୁଁଥିବା ରାଶି ଉଲ୍ଲେଖ କରିବେ ତ ଏଟିଏମ୍ ସ୍କ୍ରିନରେ ଓଟିପି ଦେବାକୁ କୁହାଯିବା

ଏହିସମୟରେ ଆପଣ ଓଟିପି ଦେଇ ଟଙ୍କା ଉଠାଇ ପାରିବେ।

# ବିଶ୍ୱବାସୀଙ୍କ ପାଇଁ ଶୁଭଙ୍କର ନୁହେଁ-୨୦୨୨

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମାଡି ଆସୁଛି ବଡ ବିପତ୍ତି ଭଲ ନାହିଁ ୨୦୨୨ର ଭବିଷ୍ୟତ ପ୍ରବଳ ବର୍ଷିବ ନିଆଁ ଲାଗି ଛାରଖାର କରିବ। ୨୦୨୨ବର୍ଷର ଭବିଷ୍ୟତ ଭଲ ନାହିଁ ବିଶ୍ୱର ଭାଗ୍ୟ ଚଳିତ ବର୍ଷ ଅନେକ ଝଡଝଞ୍ଜା ରହିଛି କେଉଁଠି ପ୍ରବଳ ବର୍ଷା ହେବ ତ ଆଉ କେଉଁଠି ନିଆଁ ଲାଗି ଛାରଖାର ହୋଇ ଯିବ ପୂରା ଅଂଚଳ




ଏକଥା ଆମେ ନୁହେଁ ବରଂ ଓଡିଆ ନୂଆ ବର୍ଷରେ ମାଦଳା ପାଞ୍ଜିକା କହୁଛି ବସ୍ତାଠୁ ବାଲି ଆପାଳ ଅ ।ଦି ସ୍ଥାନରେ ବରଂ ଅନେକ ସ୍ଥାନରେ ଯୁଦ୍ଧ ଲାଗିବା ସହ କ୍ଷତି ହେବ ବୋଲି ଜଗନ୍ନାଥ ସଂସ୍କୃତି ଗବେଷକ ସୂର୍ଯ୍ୟ ନାରାୟଣ ରଥଶର୍ମା କହିଛନ୍ତ। କେବଳ ଏତିକି ନୁହେଁ ବରଂ ଅନେକ ସ୍ଥାନରେ ଯଦ୍ଧୁ ଲାଗିବା ସହ କ୍ଷତି ହେବ ବୋଲି ଜଗନ୍ନାଥ ସଂସ୍କୃତି ଗବେଷକ ସୂର୍ଯ୍ୟ ନାରାୟଣ ରଥଶର୍ମା କହିଛନ୍ତି। କେବଳ ଏତିକି ନୁହେଁ ବରଂ ବିଶ୍ୱର ଭାଗ୍ୟରୁ ନେଇ ଅନେକ କଥା କହିଛନ୍ତି ରଥଶର୍ମା। ତେବେ ଏ ବିପଦରୁ ରକ୍ଷା ପାଇବାକୁ ହେଲେ କେବଳ ଭଗବାନଙ୍କ ପାଖରେ ଶରଣ ପଶୀବାକୁ ପଡିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ପାଞ୍ଜିକାର ଯେଉଁ ଗଣନା ରହିଛି, ଏହା ବିଶ୍ୱବାସୀ ପାଇଁ ଶୁଭଙ୍କର ନୁହେଁ ବୋଲି ପାଞ୍ଜିକାରେ ପରିଷ୍କାର ଭାବେ ଉଲ୍ଲେଖ କରିଛି ଯାହା ଶାସ୍ତ୍ର ସିଦ୍ଧାନ୍ତ କରିଛି। ଏଥିରେ ଉତ୍କଳ ସମେତ ଭାରତ ଓ ବିଶ୍ୱର ଭବିଶ୍ୟତ ଲିପିବଦ୍ଧ ହୋଇଛି। ଏଥିସହ ବାଲେଶ୍ୱର ବସ୍ତା ଓ ବାଳିଆପାଳରେ ବୃଷ୍ଟିପାତ ହେବ। ସେ ଯାହା ବି ହେଉ କେବଳ ରଥଶର୍ମା ନିହେଁ ପୂର୍ବରୁ ବହୁ ଜ୍ୟୋତିର୍ବିଦମାନେ ମଧ୍ୟ ଏନେଇ ଗଣନା କରିଛନ୍ତି ।୨୦୨୨ରେ ମହାଯୁଦ୍ଧ ବୋଲି ପୂର୍ବରୁ ଗଣନା କରି କୁହାଯାଇଥିଲା ଆଉ ତାହା ହିଁ ସତ ପ୍ରମାଣିତ ହେଲା କାରଣ ୪୫ଦିନ ହେଲାଣି ୟୁକ୍ରେନ- ରଷିଆ ମଧ୍ୟକୁ ପୂର। ବିଶ୍ୱ ଦେଖୁଛି ତେବେ ବାକି ରହିଲା ଦେଖିବାକୁ ଆଗମୀ ଦିନରେ କି କି ଦୁର୍ବିପାକ ଦେଖିବାକୁ ମିଳିଛି।

## ପ୍ରଥମ ପୃଷ୍ଠାରୁ...

### ତୃତୀୟ...

ବୁଡିବାରେ ଲାଗିଥିବାବେଳେ ମସ୍କୋ ପକ୍ଷରୁ ଉପରୋକ୍ତ ବିବୃତ୍ତି ଜାରି କରାଯାଇଛି।

କୃଷ୍ଣ ସାଗରରେ ବୁଡିଯାଇଥିବା ଯୁଦ୍ଧବିମାନରେ ରୁଷୀୟ ସୈନ୍ୟ ବିପୁଳ ଆଣବିକ ଅସ୍ତ୍ର ଗଚ୍ଛିତ ରଖିଥିଲେ ବୋଲି ୟୁକ୍ରେନ୍ ପକ୍ଷରୁ କୁହାଯାଇଛି।

ଧ୍ୱସ୍ତବିଧ୍ୱସ୍ତ ସହର ମାରିଉପୋଲକୁ ଦଖଲ କରିଥିବା ରୁଷୀୟ ସୈନ୍ୟମାନେ ଯୁଦ୍ଧ ଅପରାଧର ପ୍ରମାଣ ନଷ୍ଟ ପାଇଁ ପଚାଶଢା ମୃତଦେହଗୁଡିକୁ ଲୁଚାଇବାକୁ ଉଦ୍ୟମ କରୁଥିବା ୟୁକ୍ରେନ୍ ଅଭିଯୋଗ ଆଣିଛି।

ୟୁକ୍ରେନ୍ ପୂର୍ବାଞ୍ଚଳରେ ସୁରକ୍ଷା ବଳ ରୁଷିଆ ପ୍ରତିପକ୍ଷଙ୍କଠାରୁ ବଡ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛନ୍ତି ବୋଲି ସିଆଇଏର ପୂର୍ବତନ ନିର୍ଦ୍ଦେଶକ ଡାଭିଡ୍ ପେଟ୍ରେଅସ୍ ସତର୍କ କରାଇଛନ୍ତି।

ଅଧିକ ଅସ୍ତ୍ରଶସ୍ତ୍ର ଯୋଗାଣ ଲାଗି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପାଶ୍ଚାତ୍ୟକୁ ପୁଣି ଥରେ ଅନୁରୋଧକ କରିଛନ୍ତି। ରୁଷିଆ ଠାରୁ ତେଲ କିଣୁଥିବା ଦେଶଗୁଡିକୁ ସେ ନିନ୍ଦା କରିଛନ୍ତି।

### ବିଜେଡି...

ଅନ୍ୟତମ ବିରଳ ଦୃଷ୍ଟାନ୍ତ। ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କର ଟ୍ୱିଟରେ ଲେଖିଥିଲେ ଯେ ତାଙ୍କ ଦଳର ବିପୁଳ ବିଜୟ ପ୍ରମାଣିତ କରୁଛି ଯେ ଲୋକଙ୍କ ସମର୍ଥନ ଦଳ ପ୍ରତି ତୃଣମୂଳ ଓ ୱାର୍ଡ ସ୍ତରରେ ଅତୁଟ ଅଛି। ବିଜେଡିର ବିଜୟ ଉପରେ ଆଲୋକପାତ କଲେ ଅନ୍ୟ ଉପାଦେୟ। ତଥ୍ୟଗୁଡିକ ବିଷୟରେ ଅବଗତ ହୋଇପାରିବା ଓ ତାହାର ଗୁରୁତ୍ୱ କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଦେଶ ଓ ସମାଜ ପାଇଁ କେତେ ଅଧିକ, ତାହା ହୃଦୟଙ୍ଗମ କରିପାରିବା। ସେହି ଉପାଦେୟ ତଥ୍ୟ ଭାରତରେ ୨୦୧୪ ପର ଠାରୁ ଧର୍ମଜନିତ ଧ୍ରୁବୀକରଣ ରାଜନୀତି ଦ୍ୱାରା ଯେଉଁ ସମସ୍ୟା ସୃଷ୍ଟି ହୋଇଛି, ତା'ର ପ୍ରତିକାର କରିବାରେ ସହାୟକ ହେବ। ବାଇଶ ବର୍ଷ ହେଲା ବିଜେଡିର ନିର୍ବାଚନୀ ବିଜୟ ଏକ ଗତାନୁଗତିକ ରୀତି ହୋଇଯାଇଛି। ତେବେ ବିଜେଡିର ବିଜୟ କେବଳ ଅଧିକା ଭୋଟ ପ୍ରତିଶତ ପାଇବାରେ ଓ ଅନେକ ଆସନ ଜିତିବାରେ ସୀମିତ ହୋଇ ରହିନାହିଁ ବରଂ ଏହା ଦଳର ଏକ ଆଦର୍ଶକୁ ପ୍ରତିଷ୍ଠା କରିବାରେ ସଫଳ ହୋଇଛି, ଯାହା ହେଲା ଅନ୍ତର୍ଭୁକ୍ତୀ ରାଜନୀତି ଯହିଁରେ ଅଧିକ ସଂଖ୍ୟାରେ ମହିଳାଙ୍କୁ ନିର୍ବାଚନରେ ଲଢିବାକୁ ସୁଯୋଗ ମିଳୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଯୋଗୁଁ ଅନ୍ୟ ପଛୁଆ ଶ୍ରେଣୀର ସମର୍ଥନ ବିଜେଡି ପାଇଁ ସମ୍ଭବ ହୋଇପାରିଥିଲା। ଜାତି ଜନଗଣନା କରାଇବା ପାଇଁ ଓଡ଼ିଶା ସରକାରଙ୍କ ସକରାତ୍ମକ ପଦକ୍ଷେପ ଅନେକ ପରିମାଣରେ ପଛୁଆ ଶ୍ରେଣୀମାନଙ୍କୁ ପ୍ରଭାବିତ କରିଛି, ଯାହା ମଧ୍ୟ କେବଳ ଅନ୍ତର୍ଭୁକ୍ତୀକରଣର ଆଦର୍ଶକୁ ଦର୍ଶାଇଥାଏ।

ବିଜେଡିର ବିଜୟ ହୋଇଥିବା ସଦସ୍ୟ ତାଲିକାରେ ଶତକଡା ୬୦ ମହିଳା ଅଛନ୍ତି। ଏଥି ଲାଗି ଦାୟୀ ମହିଳାମାନଙ୍କ ପାଇଁ ଆରକ୍ଷିତ ଶତକଡା ୫୦ ଆସନ ବ୍ୟତୀତ ଅନ୍ୟାନ୍ୟ ସ୍ଥାନରେ ମହିଳାମାନଙ୍କୁ ପ୍ରତିଦ୍ୱନ୍ଦ୍ୱୀତା କରିବା ଲାଗି ଦଳ ପକ୍ଷରୁ ଦିଆଯାଇଥିବା ସୁଯୋଗ। ଜିଲ୍ଲା ପରିଷଦ ସଭାପତି ପଦ ପାଇଁ ଯେଉଁମାନଙ୍କୁ ନିର୍ବାଚିତ କଲା ସେଥିରୁ ଶତକଡା ୭୦ ହେଲେ ନାରୀ। ପୁଣି ଯେତେ ନାରୀ ବିଜେଡି ଟିକେଟ୍‌ରେ ଜିତିଛନ୍ତି ସେ ଭିତରୁ କେତେକ ସଂଖ୍ୟାଲଘୁ ମୁସ୍‌ଲିମ୍ ସମ୍ପ୍ରଦାୟର। ବିଜେପି ଉତ୍ତରପ୍ରଦେଶରେ ନିର୍ବାଚନ ଲଢିବା ପାଇଁ ଗୋଟିଏ ମଧ୍ୟ ଟିକେଟ୍ ମୁସ୍‌ଲିମ୍ ସମ୍ପ୍ରଦାୟର ପ୍ରତିନିଧିଙ୍କୁ ଦେଇ ନଥିଲା। ଯଦିଓ ସେହି ରାଜ୍ୟରେ ପ୍ରାୟ ୨୦ ପ୍ରତିଶତ ଲୋକ ମୁସ୍‌ଲିମ୍ ସମ୍ପ୍ରଦାୟର। ଏଥିରୁ ପ୍ରମାଣିତ ଯେ ବିଜେପି ଦଳର ସ୍ଲୋଗାନ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ' ବାସ୍ତବରେ ଅନ୍ତଃସାରଶୂନ୍ୟ। ଏହା ଦର୍ଶାଉଛି ଯେ ସେହି ଦଳର ରାଜନୀତି ଧର୍ମୀୟ ବିଶ୍ୱାସ ଦ୍ୱାରା ନିର୍ଦ୍ଧାରିତ, ଯେଉଁ କାରଣରୁ ଗୋଟିଏ ସମ୍ପ୍ରଦାୟକୁ ଜାଣି ଶୁଣି ରାଜନୀତିରେ ସଂପୃକ୍ତ କରାଯାଉନାହିଁ। ସେହି ତୁଳନାରେ ଓଡ଼ିଶାରେ ଯଦିଓ ମୁସ୍‌ଲିମ୍‌ଙ୍କ ସଂଖ୍ୟା ଶତକଡା ୨ରୁ କମ୍ ଓ ଖ୍ରୀଷ୍ଟିଆନମାନଙ୍କ ପରେ ସେମାନଙ୍କ ସଂଖ୍ୟା ମୋଟ ଲୋକସଂଖ୍ୟା କ୍ରମରେ ସ୍ଥାନ ପାଇଥାଏ, ସେମାନଙ୍କ ଭିତରୁ କିଛି ମହିଳା ବିଜେଡି ପ୍ରାର୍ଥୀ ହୋଇ ବିଜୟୀ ହୋଇଛନ୍ତି। ଏହା ପ୍ରତିପାଦନ କରୁଛି ବିଜେଡି ଅନ୍ତର୍ଭୁକ୍ତୀକରଣ ରାଜନୀତିକୁ ବାସ୍ତବରେ ଗୁରୁତ୍ୱ ପ୍ରଦାନ କରିଥାଏ।

୩ଟି ମୁନିସିପାଲିଟି କର୍ପୋରେସନ- ଭୁବନେଶ୍ୱର, ବ୍ରହ୍ମପୁର ଓ କଟକର ମେୟର ପାଇଁ କରାଯାଇଥିବା ନିର୍ବାଚନରେ ଦୁଇ ଜଣ ମହିଳା ସୁଲୋଚନା ଦାସ ଭୁବନେଶ୍ୱର ଓ ସଂଘମିତ୍ରା ଦଳେଇ ବ୍ରହ୍ମପୁର କର୍ପୋରେସନ୍ ପାଇଁ ମେୟର ଭାବେ ନିର୍ବାଚିତ ହୋଇଛନ୍ତି। କଟକ ଓ ଭୁବନେଶ୍ୱର କର୍ପୋରେସନ୍‌ର ଡେପୁଟି ମେୟର ପଦ ପାଇଁ ୨ ଜଣ ମହିଳା ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୦ ମସିହାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ ସମୟରେ କହିଥିଲେ ଯେ, ଓଡ଼ିଶାର ମହିଳାମାନେ ହେଉଛନ୍ତି ବିଜେଡିର ମେରୁଦଣ୍ଡ, ଏତେ ସଂଖ୍ୟାରେ ମହିଳା ବିଜେଡି ଟିକେଟ୍‌ରେ ଜିତିବା ଏ କଥାକୁ ପ୍ରମାଣିତ କରୁଛି। ୨୦୧୯ ଲୋକସଭା ପାଇଁ ହୋଇଥିବା ନିର୍ବାଚନରେ ବିଜେଡି ଓଡ଼ିଶାର ୨୧ ଆସନରୁ ଶତକଡା ୩୩ ଆସନରେ(୭ଟି ଆସନ) ମହିଳାମାନଙ୍କୁ ଠିଆ କରାଇ ଭାରତର ରାଜନୈତିକ ଇତିହାସରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା। ୭ଟି ଆସନରୁ ବିଜେଡି ୫ଟିରେ ବିଜୟୀ ହୋଇଥିଲା। ବିଜେଡିକୁ ଓଡ଼ିଶାର ମହିଳାଙ୍କ ବିପୁଳ ସମର୍ଥନ ପଛରେ ଅଛନ୍ତି ପ୍ରାୟ ୮୦ଲକ୍ଷ ମହିଳା। ଯେଉଁମାନେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ। ସେହି ସ୍ୱୟଂ ସହାୟକ ଗୋଷ୍ଠୀ ଗଢିବାର ଅଭିଯାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧୀରେ ଆରମ୍ଭ କରି ଏକ ନୀରବ ବିପ୍ଳବର ସୂତ୍ରପାତ କରିଥିଲେ। ତାହା ପୁରୁଷ ପ୍ରଧାନ ସମାଜକୁ ପ୍ରଶ୍ନ କରିବାର ପ୍ରୟାଶ କରି ମହିଳାମାନଙ୍କ ଆର୍ଥିକ ଓ ରାଜନୈତିକ ସଶକ୍ତିକରଣର ସମ୍ଭାବନାକୁ ଫଳବର୍ତ୍ତୀ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ଥିଲା।

ଯେଉଁ ଦଳ ମହିଳାମାନଙ୍କ ସମର୍ଥନକୁ ପୁଞ୍ଜି କରି ବା ସମାଜର ବିଭିନ୍ନ ବର୍ଗଙ୍କୁ ଜାତି, ଧର୍ମ, ନିର୍ବିଶେଷରେ ନିଜ ଭିତରେ ଅନ୍ତର୍ଭୁକ୍ତ କରେ ଓ ରାଜନୀତିରେ ସେମାନଙ୍କ ପ୍ରତିନିଧିତ୍ୱ ସୁନିଶ୍ଚିତ କରାଏ, ସେ ଦଳ ଧର୍ମଭିତ୍ତିକ ଦୁର୍ବିକରଣର ରାଜନୀତିକୁ ପରାସ୍ତ କରିବାରେ ସକ୍ଷମ ହୋଇପାରେ। ବର୍ତ୍ତମାନ ସମୟରେ ଯେତବେଳେ ଭାରତରେ ବିଷାକ୍ତ ଧର୍ମଭିତ୍ତିକ ରାଜନୀତି ସମାଜର ଏକତାକୁ ବିପଦ ସଂକୁଳ କରିଛି ଓ ସମ୍ବିଧାନରେ ଭାରତର ଯେଉଁ ରୂପରେଖର କଳ୍ପନା କରାଯାଇଛି, ତାକୁ ଧ୍ୱଂସ କରିବା ପାଇଁ ଚେଷ୍ଟା କରିଚାଲିଛି, ସେହି ସମୟରେ ଅନ୍ତର୍ଭୁକ୍ତି ରାଜନୀତି ତଥା ମହିଳାମାନଙ୍କ ଭାଗିଦାରୀ ଅତ୍ୟନ୍ତ ଆବଶ୍ୟକ। ଦେଶ ସମାଜକୁ ବିଭାଜନ କରୁଥିବା ଶକ୍ତିକୁ ଯେଉଁ ଦଳ ପରାସ୍ତ କରିପାରେ ସେହି ଦଳ ସବୁ ଆଗକୁ ଆସି ଭାରତକୁ ବଞ୍ଚାଇବା ପାଇଁ ରାସ୍ତା ଦେଖାଇବା ଆବଶ୍ୟକ। ବିଜେଡିର ଦୋଷ ତୃଟି ସତ୍ତ୍ୱେ ଓଡ଼ିଶାରେ ସେହି ଦଳର ଅଭୂତପୂର୍ବ ବିଜୟକୁ ସାମ୍ପ୍ରଦାୟକ ଶକ୍ତିକୁ ପରାସ୍ତ କରି ଦେଶ ବଞ୍ଚାଇବା ଦୃଷ୍ଟି କୋଣରୁ ଦେଖିବା ଉଚିତ୍ ବୋଲି ମନେହୁଏ।

# ସହମତି ଭିତ୍ତିକ ସମ୍ପର୍କ ବଳାତ୍କାର ନୁହେଁ:କୋର୍ଟ

**ଫତେହାବାଦ(ସଂପର୍କବାର୍ତ୍ତା):-** ଅତିରିକ୍ତ ଜିଲ୍ଲା ତଥା ସେସନ୍ସ ଜଜ୍ ତଥା ଫାଷ୍ଟ ଟ୍ରାକ୍ କୋର୍ଟ ଜଜ୍ ବଲୱନ୍ତ ସିଂ ଏକ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଦାଲତ ତାଙ୍କ ଆଦେଶରେ କହିଛନ୍ତି ଯେ ଏକ ସହମତି ଭିତ୍ତିକ ସମ୍ପର୍କ ବଳାତ୍କାର ହୋଇପାରିବ ନାହିଁ। ମାମଲା ଉପରେ ଟିପ୍ପଣୀ ଦେଇ କୋର୍ଟ କହିଛନ୍ତି ଯେ ପୀଡିତା ଜଣକ ଅଭିଯୁକ୍ତଙ୍କ କ୍ୟାଣ୍ଟିନରେ କିଛି ମାସ ଧରି କାମ କରୁଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢି ଉଠିଥିବା ବେଳେ ଅଭିଯୁକ୍ତ ତାଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଅଭିଯୁକ୍ତ ଜଣକ ପୂର୍ବରୁ ବିବାହ ଥିବା ପୀଡିତା ଜାଣି ମଧ୍ୟ ନିଜକୁ ତାଙ୍କ ଆଗରେ ସମର୍ପଣ କରିବା ଉଚିତ୍ ନ ଥିଲା ବୋଲି କୋର୍ଟ କହିଛନ୍ତି। କାର୍ଯ୍ୟ କରିବା ପୂର୍ବରୁ ସେ କ୍ୟାଣ୍ଟିନ୍‌କୁ ଆସିଥିବା ଅଭିଯୁକ୍ତଙ୍କଠାରୁ ଯାଞ୍ଚ କରିବେ ଯେ ଅଭିଯୁକ୍ତ ସ୍ନାତକ କିମ୍ବା ବିବାହିତ ବ୍ୟକ୍ତି। କୋର୍ଟ କହିଛନ୍ତି ଯେ, ପୀଡିତାଙ୍କ ଆଚରଣ ଦର୍ଶାଉଛି ଯେ ସେ ଅଭିଯୁକ୍ତଙ୍କ ସହ ସହମତି ଭିତ୍ତିରେ ସମ୍ପର୍କ ରଖିଥିଲେ ଏବଂ ପରେ ସେ ବିବାହ ପାଇଁ ମନା କରିବାରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ସୂଚନାଯୋଗ୍ୟ ଯେ, ଜୁନ୍ ୧୫, ୨୦୧୯ରେ, ଟୋହାନା, ଗିଲାନୱାଲୀ ଧାନୀ, ଟୋହାନାର ବାସିନ୍ଦା ଦିଲ୍ଲିପଙ୍କ ବିରୋଧରେ ପୀଡିତା ଜଣକ ଦୁଷ୍କର୍ମ ମାମଲା ରୁଜୁ କରିଥିବା ବେଳେ ତାଙ୍କ ଅଭିଯୋଗ ଭିତ୍ତିରେ ପୋଲିସ୍ ଧାରା ୩୧୩, ୩୨୮, ୩୭୬, ୫୦୬ ଏବଂ ୫ଉ ଅଧୀନରେ ମାମଲା ରୁଜୁ କରିଥିଲା। ଏସ୍‌ଟି ଆକ୍ଟ ଅନୁଯାୟୀ ମାମଲା ପଞ୍ଜିକୃତ ହୋଇଥିଲା। ପୀଡିତା ଅଭିଯୋଗ କରିଛନ୍ତି ଯେ, ସେ ଚାକିରୀ ଖୋଜିବା ପାଇଁ ଏକ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ସେ ତାଙ୍କ ବିଦ୍ୟାଳୟର କ୍ୟାଣ୍ଟିନ୍ କଣ୍ଟ୍ରାକ୍ଟର ଦିଲ୍ଲିପଙ୍କୁ ଭେଟିଥିଲେ। ପରେ ତାଙ୍କୁ ଟୋହାନା ସହରରେ ଭଡାରେ କୋଠରୀ ଦିଆଗଲା ଏବଂ ଦିନେ ସେ ଜୁସ୍ ଆଣିବା ବେଳେ ସେ ଜୁନ୍ ପିଇବା ପରେ ତାଙ୍କ ସହ ବଳାତ୍କାର କରିଥିଲେ। ପରେ ତାଙ୍କୁ ମାସ ମାସ ଧରି ବଳାତ୍କାର କରିଚାଲିଥିଲେ। ଯେତେବେଳେ ସେ ଗର୍ଭବତୀ ହେଲେ ପୀଡିତା ଜଣକ ଦିଲ୍ଲିପକୁ ବିବାହ କରିବାକୁ କହିଥିଲେ। ଦିଲ୍ଲିପ କହିଥିଲେ ଯେ, ସେ ବିବାହିତ। କୋର୍ଟରେ ମହିଳାଙ୍କ ଅଭିଯୋଗର ଜବାବରେ ଅଭିଯୁକ୍ତଙ୍କ ପତ୍ନୀ ମଧ୍ୟ ହାଜର ହୋଇ କହିଥିଲେ ଯେ, ସେ ପୀଡିତାଙ୍କୁ କିସ୍ତିରେ ଫ୍ରିଜ୍ ଦେଇଛନ୍ତି ଏବଂ କିସ୍ତି ମଧ୍ୟ ନିଜେ ପ୍ରଦାନ କରିଛନ୍ତି। ଏହାସହ ପୀଡିତା ଜଣକ ଆଗରୁ ମଧ୍ୟ ଜାଣିଥିଲେ ଯେ, ଦିଲ୍ଲିପ ବିବାହିତ ବୋଲି। ଯେଉଁ ମହିଳା ଜଣକ ଭଡା ଘରେ ରହୁଥିଲେ ସେହି ଘରର ଜମିଦାର ମଧ୍ୟ କୋର୍ଟରେ ସାକ୍ଷ୍ୟ ଦେଇଛନ୍ତି ଯେ ଥରେ ଦିଲ୍ଲିପ ଭଡାଘର ଖୋଜିବା ପାଇଁ ଆସିଥିଲେ। କିନ୍ତୁ ପୀଡିତାଙ୍କ ସହ କେବେ ହେଲେ ତାଙ୍କ ସହ ଭଡା ଘରେ ଶୋଇଥିବାର ସେ ଦେଖିନାହାଁନ୍ତି। ତେବେ ଡାକ୍ତରୀମାଇନା ପରେ ପୀଡିତାଙ୍କ ଅନ୍ତଃବସ୍ତ୍ରରେ ଅଭିଯୁକ୍ତର ଡିଏନ୍‌ଏ ଥିବା ଯେଉଁ ଅଭିଯୋଗ ହୋଇଥିଲା ତାହା ବି ଭୁଲ୍ ବୋଲି ପ୍ରମାଣିତ ହୋଇଛି। ସମସ୍ତ ସାକ୍ଷ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଦିଲ୍ଲିପଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

ଏପ୍ରିଲ୍ ୧୮ ରୁ ୨୪, ୨୦୨୨, ଜଗତସିଂହପୁର

April 18 to 24, 2022, Jagatsinghpur

www.samparkabarta.in




## ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଙ୍କ ଚିଲିକା ଗସ୍ତ ସରିଲା



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଚିଲିକା ବୁଲିବେ ସମସ୍ତ ମନ୍ତ୍ରୀ, ବିଧାୟକ ଓ ବାଚସ୍ପତି। ଏଥି ପାଇଁ OTDC ପକ୍ଷରୁ ୪ଟି ସ୍ୱତନ୍ତ୍ର ବସ୍‌ରେ ବିଧାନସଭାରୁ ଚିଲିକା ଗସ୍ତ କରିଛନ୍ତି। ମା' କାଳୀଜାଇଙ୍କୁ ଦର୍ଶନ ପରେ ନୌସେନାର ସମରାଭ୍ୟାସରେ ଯୋଗଦେବେ। ନୌସେନା ତାଲିମ କେନ୍ଦ୍ରରେ ପହଞ୍ଚିବା ପରେ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବ। ଏହାପରେ ଫଟୋ ସେସନ୍ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ନାଭାଲ ବେସ୍‌ରୁ CDA ଓ OTDC ର ବୋଟ୍ ସାହାଯ୍ୟରେ ମାଆ କାଳିଜାଇଙ୍କ ଦର୍ଶନ କରିବେ। ଅପରାହ୍ନରେ ନାଭାଲ ବେସ୍ ମଧ୍ୟରେ ଥିବା ଅପସରା ଅଡିଟୋରିୟମ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ।

## କଟକରେ ବି ସାମ୍ବାଦିକଙ୍କୁ ପୋଲିସ୍‌ର କମେଣ୍ଟ୍

**କଟକ(ସଂପର୍କବାର୍ତ୍ତା):-** ରାଜ୍ୟରେ ଏବେ ପୋଲିସ୍‌ର ଆସ୍ପର୍ଦ୍ଧା ବଢ଼ିଛି। ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଏହା ପୋଲିସ୍ ବାହିନୀ ଲାଗି ମୂଲ୍ୟହୀନ ହୋଇପଡିଛି। ପୋଲିସ୍ ଏବେ ବେପରବାୟ ହୋଇଛି। ନିକଟରେ ରାଜ୍ୟର ଉପାନ୍ତ ଜିଲ୍ଲା ବାଲେଶ୍ୱରର ନିଳଗିରୀର ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ଚିକିତ୍ସା ସେବା ଯୋଗାଇବା ବେଳେ ତାଙ୍କ ଗୋଡରେ ବେଡି ପକାଇବା ଘଟଣା କେବଳ ରାଜ୍ୟ ନୁହେଁ ସମଗ୍ର ଦେଶରେ ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ଘଟଣାରେ କେବଳ ଅଭିଯୁକ୍ତ ପୋଲିସ୍ ଅଧିକାରୀ ଦ୍ରୌପଦୀ ଦାଶଙ୍କୁ ବଦଳି କରାଯିବା ସହ ଜଣେ ହାବିଲଦାରଙ୍କୁ ନିଲମ୍ବନ କରାଯାଇଛି। ଏହି ପଦକ୍ଷେପରେ ରାଜ୍ୟର ସାମ୍ବାଦିକମାନେ ସନ୍ତୁଷ୍ଟ ନୁହନ୍ତି। ଏହି ଘଟଣା ପ୍ରଶମିତ ନ ହେଉଣୁ କଟକରେ ବରିଷ୍ଠ ସାମ୍ବାଦିକ ବିଭୁତି ସାହୁଙ୍କୁ ଟ୍ରାଫିକ୍ କନେଷ୍ଟବଳ ରଶ୍ମୀ ସାହୁ ଦୁର୍ବ୍ୟବହାର କରିଛନ୍ତି। ଏହି ଘଟଣା କଟକରେ କାର୍ଯ୍ୟରତ ସାମ୍ବାଦିକ ମହଲରେ ପ୍ରତିକ୍ରିୟା ସୃଷ୍ଟି କରିଛି। ଏହାକୁ ନେଇ ସେମାନେ କମିଶନରେଟ୍ ପୋଲିସ୍‌ର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସ୍ ଉଚ୍ଚ କର୍ତ୍ତୃପକ୍ଷ ଯେଉଁ ପଦକ୍ଷେପ ନେବା କଥା ତାହା କରିନାହାଁନ୍ତି। କେବଳ ଘଟଣାକୁ ପ୍ରଶମିତ କରିବାକୁ ପୋଲିସ୍ କର୍ମଚାରୀଙ୍କୁ ଉପଯୁକ୍ତ ବ୍ୟବହାର ଶିଖାଇବାକୁ ପଦକ୍ଷେପ ନେବେ ବୋଲି ଡିସିପି ପ୍ରତୀକ ସିଂହ ପ୍ରତିଶ୍ରୁତି ଦେଇଛନ୍ତି।

କଟକରେ କାର୍ଯ୍ୟରତ ସାମ୍ବାଦିକମାନେ ବିଳମ୍ବିତ ରାତିରେ କାର୍ଯ୍ୟ କ୍ଷେତ୍ରରୁ ଘରକୁ ଫେରିଥାନ୍ତି। ଏଣୁ ସେମାନେ ରାତ୍ରୀ ପାଟ୍ରୋଲିଂରେ ଥିବା ପୋଲିସ୍ ଅଧିକାରୀଙ୍କ ଯାଞ୍ଚର ସମ୍ମୁଖୀନ ହୁଅନ୍ତି। କେତେକ ପୋଲିସ୍ ଅଧିକାରୀ ଅତ୍ୟନ୍ତ ଭଦ୍ରାମୀ ସହ ସେମାନଙ୍କୁ ବିଦାୟ ଦେଉଥିବା ବେଳେ ଅନ୍ୟ କେତେକ ପୋଲିସ୍ ଅଧିକାରୀ ସାମ୍ବାଦିକମାନଙ୍କୁ ବିଭିନ୍ନ ବିତଣ୍ଡା ପ୍ରଶ୍ନମାନ ପଚାରିଥାନ୍ତି। ଯେପରି ପ୍ରିଣ୍ଟ ମିଡିଆରେ କାର୍ଯ୍ୟରତ ସାମ୍ବାଦିକଙ୍କୁ କ'ଣ କାଗଜ ଛାପିକି ଘରକୁ ଫେରିଲ? ପରି ତାଚ୍ଛଲ୍ୟପୂର୍ଣ୍ଣ ମନ୍ତବ୍ୟ ଦେଉଥିବା ନଜରକୁ ଆସିଛି। ଖୋଦ ପୋଲିସ୍ ଡିଜିଙ୍କ କାର୍ଯ୍ୟାଳୟ ଯେଉଁ ସହରରେ ରହିଛି ସେଠାରେ ଯଦି ପୋଲିସ୍‌ର ବ୍ୟବହାର ଗଣମାଧ୍ୟମର ପ୍ରତିନିଧିଙ୍କ ପ୍ରତି ଏପରି, ତେବେ ଉପାନ୍ତ ଅଞ୍ଚଳରେ ପୋଲିସ୍‌ର ବ୍ୟବହାରକୁ ନେଇ ଆଲୋଚନା ଅନାବଶ୍ୟକ। ରାଜ୍ୟ ପୋଲିସ୍‌ର ଅପରାଧ ବା ଦୁର୍ନୀତି ବିରୋଧି ପଦକ୍ଷେପର ପ୍ରଚାର ଓ ପ୍ରସାର ଲାଗି ସାମ୍ବାଦିକଙ୍କ ଭୂମିକା ପ୍ରତି ଖୁବ୍ ସଚେତନଥିବା ଉଚ୍ଚ ପୋଲିସ୍ ଅଧିକାରୀ ଓ ରାଜ୍ୟ ସରକାର ଉପରୋକ୍ତ ସମସ୍ୟା ପ୍ରତି ସଚେତନ ରହିବା ଉଚିତ।

## ୟୁଜିସି ଚେୟାରମ୍ୟାନଙ୍କ ବଡ ଘୋଷଣା ଏଣିକି ବିଶ୍ୱବିଦ୍ୟାଳୟରେ ଏକାସାଙ୍ଗରେ ଦୁଇଟି କୋର୍ସ ପଢ଼ିପାରିବେ ଛାତ୍ରଛାତ୍ରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଛାତ୍ରଛାତ୍ରୀଙ୍କ ପାଇଁ ବଡ ଖବର। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟରେ ଏକାସାଙ୍ଗରେ ଦୁଇଟି ଡିଗ୍ରୀ କୋର୍ସ ନେଇ ପାଠ ପଢ଼ିପାରିବେ ଛାତ୍ରଛାତ୍ରୀ । ଏନେଇ ୟୁଜିସି ଅର୍ଥାତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିଷ୍ପତି ନେଇଛି। ତେବେ ୟୁଜିସିର ଏହି ନିଷ୍ପତି ଫଳରେ ଏବେ ଜଣେ ଛାତ୍ର କିମ୍ବା ଛାତ୍ରୀ କିମ୍ବା ଗୋଟିଏ ସମୟରେ ଦୁଇଟି ଡିଗ୍ରୀ କୋର୍ସ କରିପାରିବେ ୟୁଜିସି ଚେୟାରମ୍ୟାନ୍ ଜଗଦୀଶ କୁମାର ମଙ୍ଗଳବାର ଘୋଷଣା କରିଛନ୍ତି। ଆଉ କହିଛନ୍ତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ତୁରନ୍ତ ବିସ୍ତୃତ ନିର୍ଦ୍ଦେଶ ଜାରି କରିବ ତେବେ ନୂଆ ଶିକ୍ଷାନୀତିରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କୌଶଳ ଶିକ୍ଷା କରିବାକୁ ଅନୁମତି ଦିଆଯାଇଛି। ଏହିକ୍ରମରେ ଏବେ ଜଣେ ଛାତ୍ର କିମ୍ବା ଛାତ୍ରୀ ଦୁଇ ଡିଗ୍ରୀ କୋର୍ସରେ ଏକାସାଙ୍ଗରେ ପାଠ ପଢ଼ିପାରିବେ




। ତେବେ ଏହି ଡିଗ୍ରୀ କୋର୍ସ ଗୋଟିଏ ବିଶ୍ୱବିଦ୍ୟାଳୟରୁ ମଧ୍ୟ ହୋଇପାରିବ। ଚଳିତ ବର୍ଷ ଫେବୃଆରୀ ମାସରେ ଜଗଦୀଶ କୁମାରଙ୍କୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାମ୍ୟାନ୍ କରାଯାଇଥିଲା ଏହାପରେ ସେ ଲଗାତାର ନୂଆ ନୂଆ ଘୋଷଣା କରି ଆସୁଛନ୍ତି। ଏହା ପୂର୍ବରୁ କମନ୍ ୟୁନିଭର୍ସିଟ ଏଣ୍ଟ୍ରାସ ଟେଷ୍ଟ ନେଇ ମଧ୍ୟ ଘୋଷଣା କରିଥିଲେ। ଏହି ଟେଷ୍ଟ ଜରିଆରେ ଛାତ୍ରଛାତ୍ରୀମାନେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ଥାନ ପାଇବାକୁ ହେଲେ କମନ୍ ଏଣ୍ଟ୍ରାନ୍ସ ଦେଇ ପାସ୍ ହେବା ପରେ ଆଡମିସନ୍ କରିପାରିବେ। ଆଉ ଏବେ ଏହି ନୂଆ ଘୋଷଣା ପରେ, ଜଣେ ବିଦ୍ୟାର୍ଥୀ ଦୁଇଟି ବିଷୟରେ ଏକାସାଙ୍ଗରେ ଡିଗ୍ରୀ କୋର୍ସ କରିପାରିବେ।

## ୧୦ହଜାର ଟଙ୍କା ଲାଞ୍ଚ ନେଇଥିବା ବେଳେ ଧରାପଡିଲେ ସେକ୍ସନ ଅଫିସର

**ଭଦ୍ରକ(ସଂପର୍କବାର୍ତ୍ତା):-** ଭଦ୍ରକ ଜିଲ୍ଲା ସାଂଳପୁର ସ୍ଥିତ ଆଇଜିଏମ କଲେଜର ସେକ୍ସନ ଅଫିସର ଭିଜିଲାନ୍ସ ପଞ୍ଝାରେ ପଡିଛନ୍ତି। ୧୦ହଜାକ ଟଙ୍କା ଲାଂଚ ନେଉଥିବା ବେଳେ ରାସ୍ତା ମଝିରେ ସେକ୍ସନ ଅଫିସରଙ୍କୁ ପ୍ରଭାତ କୁମାର ନାୟକ ମାଡିବସିଲା ଭିଜିଲାନ୍ସ। ସୂଚନା ଅନୁଯାୟୀ ଆଇଜିଏମ୍ କଲେଜର ପୂର୍ବତନ କର୍ମଚାରୀ ପ୍ରୃଷ୍ଟିଙ୍କର ୨୦୨୦ମସିହା ରେ ମୃତ୍ୟୁ ହୋଇଥିଲା



ତାଙ୍କ ମୃତ୍ୟୁ ପରେ ଗ୍ରାଚ୍ୟୁଇଟ ଓ ଅନ୍ୟାନ୍ୟ ବିଲ ବାବଦକୁ ଟଙ୍କା ବକେୟା ରହିଛି। ତେବେ ଅନେକଥର ମୃତକଙ୍କ ପୁଅ ପୀୟୂଷପ୍ରତୀକ ପୃଷ୍ଟି ସେକ୍ସନ ଅଫିସର ପ୍ରଭାତ କୁମାର ନାୟକଙ୍କ ସହ ଯୋଗଯୋଗ କରିଥିଲେ। ପ୍ରଭାତ ମଧ୍ୟ ପୂର୍ବରୁ କାମ କରାଇଦେବା କହି ବହୁଥର ଟଙ୍କା ନେଇଥିଲେ। ପୁଣି ଟଙ୍କା ମାଗିବାରୁ ପୀୟୂଷ ପ୍ରତୀକ ପୃଷ୍ଟି ଏ ସମ୍ପର୍କରେ ଭିଜିଲାନ୍ସରେ ଜଣାଇଥିଲେ। ଶେଷରେ ଆଜି ବାଲେଶ୍ୱର ରୁ ଫେରିବା ବେଳେ ଆରଡି ଛକ ନିକଟରେ କାର ଅଟକାଇ ପୋଲ ତଳେ ମୃତକଙ୍କ ପୁଅଙ୍କ ନିକଟରୁ ୧୦ହଜାର ଟଙ୍କା ନେଉଥିଲେ । ପୂର୍ବ ଯୋଜନା ମୁତାବକ ଭିଜିଲାନ୍ସ କର୍ମଚାରୀମାନେ ଲୁଚି ରହିଥିଲେ। ଟଙ୍କା ନେବା ବେଳେ ପ୍ରଭାତ ନାୟକଙ୍କୁ ଭିଜିଲାନ୍ସ ଟିମ୍ ଧରିଥିଲେ ଭିଜିଲାନ୍ସ ଅଫିସ ତରଫରୁ ଅଧିକ ତଦନ୍ତ କରାଯାଉଛି।

## ମାହାଙ୍ଗା କୁସୁପୁର ହତ୍ୟାକାଣ୍ଡ ଘଟଣା

**ମାହାଙ୍ଗା(ସଂପର୍କବାର୍ତ୍ତା):-** ସୋମାବାର ରାତିରେ ସେଦିନ ମାହାଙ୍ଗାରେ ଯାହା ଘଟିଥିଲା, ତାହା ଶୁଣିଲେ ଆପଣ ବି ବିଚଳିତ ହୋଇଯିବେ। ସ୍ଥାନୀୟ ଲୋକଙ୍କ କହିବାନୁସାରେ ରାତି ପ୍ରାୟ ୨ଟାରୁ ୩ଟା ଭିତରେ ବଡଭାଇ, ତାପରେ ଭାଉଜଙ୍କୁ ହାଣିପକାଇଥିଲେ ଶିବପ୍ରସାଦ । ଏତିକି ଭିତରେ ତିନିଜଣ ପିଲା ନିଦରୁ ଉଠିଯାଇଥିଲେ। ପାଖରେ ବାପା-ମାର ଏଭଳି ଅବସ୍ଥା ଦେଖି ବିଚଳିତ ହୋଇପଡିଥିଲେ। ଏହାପରେ କୁଆଡେ ଦୁଇଜଣ ପୁତୁରା ଓ ଝିଆରୀ ଶିବପ୍ରସାଦଙ୍କ ଗୋଡଧାରିପକାଇଥିଲେ ଆଉ ନେହୁରା ହୋଇ କହିଥିଲେ। ସେମାନଙ୍କୁ ଛାଡିଦିଅନ୍ତୁ। କିନ୍ତୁ ଶିବପ୍ରସାଦ ସେତେବେଳେ




ସଇତାନ୍ ପାଲଟିଯାଇଥିଲେ। ତାଙ୍କୁ ଆଉ କିଛି ଦେଖାଯାଉନଥିଲା ଗୋଟିଏ ପରେ ଗୋଟେ ପିଲାଙ୍କୁ ପକାଇଥିଲେ ଶିବପ୍ରସାଦ ମାତ୍ର କିଛି ସମୟ ଭିତରେ ପୁରା ପରିବାର ସଫା ହୋଇଯାଇଥିଲ। କୁହାଯାଉଛି, ଅନେକ ଦିନ ଧରି ଦୁଇ ଭାଇ ଭିତରେ ଶତ୍ରୁତା ଲାଗିରହିଥିଲା ସେମାନେ ଦୁଇଟି ପରିବାର ଗୋଟିଏ ଘରେ ରହୁଥିଲେ। ଘରେ ଗୋଟିଏ ବାଥରୁମ୍ ଓ ଟଏଲେଟ ଥିଲା ଏହାକୁ ନେଇ ଉଭୟ ପରିବାର ଭିତରେ ଝଗଡା ଲାଗିରହୁଥିଲା ମୃତ ଅଲେଖ ସାହ କୁଆଡେ ଟଏଲେଟକ ତାଲା ଲଗାଇଦେଉଥିଲେ । ଏଭଳି ଘଟଣାରେ ରାଗିଯାଉଥିଲେ ଶିବପ୍ରସାଦ ତେଣୁ ଉଭୟ ପରିବାର ଭିତରେ ପ୍ରାୟ ସବୁବେଳେ ଝଗଡା ଲାଗିରହୁଥିଲା ଆଉ ସୋମବାର ରାତିରେ ଏହାର ପରିଣତି ସାମ୍ନାକୁ ଆସିଲା

## ଥଣ୍ଡା ପାନୀୟରେ ନିଦ ବଟିକା ଖୁଆଇ ନାବାଳିକାକୁ ବାରମ୍ବାର ଦୁଷ୍କର୍ମ କରୁଥିଲେ ଏକାଧିକ ଯୁବକ

**କୋଲକାତା(ସଂପର୍କବାର୍ତ୍ତା):-** ନିଦ ବଟିକା ଦେଇ ସ୍କୁଲ ଛାତ୍ରୀଙ୍କୁ ଏକାଧିକ ଯୁବକ ଦୁଷ୍କର୍ମ କରିଥିଲେ। ଏହି ଘଟଣାକୁ ନେଇ ଉତ୍ତର ୨୪ପ୍ରଗାଣର ମୀନାଖାଁରେ ଉତ୍ତେଜନା ସୃଷ୍ଟି ହୋଇଛି। କ୍ରମାଗତ ଭାବେ ନିଦ ବଟିକା ଖାଇବା ଦ୍ୱାରା ଛାତ୍ରୀ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ପୀଡିତା ନାବାଳିକାଙ୍କୁ କୋଲକାତାର ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।ଛତ୍ରୀଙ୍କ ବାପାଙ୍କ ଅଭିଯୋଗ ଆଧାରରେ ମୀନାଖାଁ ପୁଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି।

ପୁଲିସ ସୂତ୍ର ଅନୁଯାୟୀ, ମୀନଖାଁର ମାଲଂଚ ଅଂଚଳର ନବମ ଶ୍ରେଣୀର ଛାତ୍ରୀ ଗୁରୁତର ଅସୁସ୍ଥ ହାଇପଡିଥିଲେ। ପରିବାର ସ୍‌ଦସ୍ୟ ତାଙ୍କୁ କୋଲତାର ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତିଆସିଥିଲେ। ପରୀକ୍ଷା ପରେ ଚାଂଚଲ୍ୟ ସୂଚନା ସାମ୍ନାକୁ ଆସିଥିଲା ନାବାଳିକା ଜଣକ ଏକାଧିକ ବାର ଯୌନ ଶୋଷଣରେ ଶିକାର ହୋଇଥିବା ଜଣାପଡିଥିଲା ତାପରେ ପୁରା ଘଟଣା ସାମ୍ନାକୁ କରଥିଲେ। ପରୀକ୍ଷା ପରେ ଚାଂଚଲ୍ୟରେ




ସୂଚନା ସାମ୍ନାକୁ ଆସିଥିଲା ମାତ୍ର ସପ୍ତାହେ ପୂର୍ବର ଯେତେବେଳେ ସେ ହଠାତ ଗୁରୁତ୍ୱ ଅସୁସ୍ଥ ହୋଇପଡିଥିଲେ । ତାଙ୍କ ଡାକ୍ତରଖାନା ନିଆଯାଇଥିଲ। ପରେ ସ୍କୁଲ ଛାତ୍ରୀଙ୍କ ବାପା ମୀନାଖାଁ ପୁଲିସଷ୍ଟେସନରେ ଛଅ ଜଣଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ମୀନାଖାଁ ପୁଲିସ ରବିବାର ସକାଳେ ଶମିମ ମଲ୍ଲିକ୍, ସମ୍ରାଟ ମଲ୍ଲିକ ଏବଂ ଅବୁତାଲେବ ମଲ୍ଲିବ ନାମକ ତିନି ଅଭିଯୁକ୍ତଙ୍କୁ ଗିରଫ କରି ବସିରହାଟ ସବ-ଡିଭିଜନାଲ କୋର୍ଟରେ ହଜାର କରାଯାଇଥିଲା ଅଭିଯୁକ୍ତଙ୍କୁ ଚାରି ଦିନ ପୁଲିସ ହେପାଜତରେ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମୀନାଖାଁର ଏସଡିପିଓ ନିର୍ମଳ କୁମାର ଦାସ କହିଛନ୍ତି ଯେ, ଝିଅକୁ ନିଦ ବଟିକା ଖାଇବାକୁ ଦେବା ସହ ଯୌମ ଉତ୍ପୀଡନ ଅଭିଯାଗରେ ତିନି ଜଣଙ୍କୁ ଗିରଫ କରାଯାଇଛି।

## ଦିଲ୍ଲୀର ମହିଳା ଗ୍ୟାଙ୍ଗ୍‌ର ୬ ଜଣ ଗିରଫ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦିଲ୍ଲୀ ମେଟ୍ରୋ ଷ୍ଟେସନ୍‌ରେ ମହିଳାମାନେ କରୁଥିଲେ ପକେଟ୍‌ମାର୍। ସିସିଟିଭିରେ ଏ କଥା ଜଣାପଡିବା ପରେ ପୋଲିସ୍ ସତର୍କ ହୋଇଯାଇଥିଲା। ମେଟ୍ରୋ ଷ୍ଟେସନ୍‌ରେ ଭିଡ ଥିବା ବେଳେ ସେମାନେ ଏପରି କାମ କରୁଥିଲେ ସିସିଟିଭି ଫୁଟେଜ୍‌ରୁ ଜଣା ପଡିବା ପରେ ପୋଲିସ୍ ସେମାନଙ୍କୁ ଗିରଫ କରିଛି।



୬ ଜଣ ମହିଳା ପକେଟ୍‌ମାର୍‌କୁ ପୋଲିସ୍ ଗିରଫ କରିଛି। ଦିଲ୍ଲୀର ମେଟ୍ରୋ ଷ୍ଟେସନ୍‌ରେ ପକେଟ୍‌ମାର୍ ହେଉଥିବାର ଅଭିଯୋଗ ହୋଇଥିଲା। ଏମାନେ ଏକାଠି ହୋଇ ଚୋରି କରୁଥିଲେ। ଚୋରି କରିବା ପାଇଁ ଲୋକଙ୍କ ଘେରି ଯିବା ସହ ସେମାନଙ୍କର ଧ୍ୟାନ ଅନ୍ୟ ଆଡେ ଆକର୍ଷିତ କରୁଥିଲେ। ଚୋରି କରିବା ପରେ ତୁରନ୍ତ ସେହି ସ୍ଥାନ ଛାଡି ଚାଲିଯାଉଥିଲେ ଦରକାର ପଡିଲେ ଅନ୍ୟ ସହରକୁ ଯାଇ ସେଠାରୁ ଚୋରି କରୁଥିଲେ।


ପୋଲିସ୍ ହରିଦ୍ୱାରରୁ ଏମାନଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ମହିଳାମାନଙ୍କ ଠାରୁ ୩୦ ହଜାର ଟଙ୍କା ଜବତ କରାଯାଇଛି।

## ମଦ ନିଶାରେ ହିତାହିତ ଜ୍ଞାନ ହରାଇଲେ ଯୁବତୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରାଜଧାନୀ ଭୁବନେଶ୍ୱରରେ ମଦ ପିଇ ଅଭାବନୀୟ କାଣ୍ଡ ଘଟାଇଛନ୍ତି ଜଣେ ଯୁବତୀ। ମଦ ନିଶାରେ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ହଙ୍ଗାମା

**ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ହଙ୍ଗାମା**

କରିଥିଲେ। କେହି ଜଣେ ଏହାର ଭିଡିଓ ବନାଇଥିଲେ ବେଳେ ଏହା ବେଶ ଭାଇରାଲ ହୋଇଛି। ମଦ ପିଇ ମାତାଲ ହେବା ପରେ ସ୍ଥାନ କାଳ ପାତ୍ର ଭୁଲି ଯାଇ ଯୁବତୀ ଜଣଙ୍କ ଗାଳି ଗୁଲଜ କରିବାରେ ବ୍ୟସ୍ତ କାହାରିକୁ ବି ଛାଡିନଥିଲେ ଯୁବତୀଜଣଙ୍କ କଳିଙ୍ଗ ଷ୍ଟିଡିଓ ଛକ ନିକଟସ୍ଥ ଏକ ହୋଟେଲ ବାହାରେ ଏହି ଅଭାବନୀୟ କାଣ୍ଡ



ଘଟିଥିଲା ହୋଟେଲକୁ ଆସିଥିବା ଅନ୍ୟମାନଙ୍କ ଠାରୁ ମୋବାଇଲ ଛଡିଆ ଛଡି କରିଥିଲେ ଯୁବତୀ ଏହି ଘଟଣାକୁ ନେଇ କିଛି ଲୋକ ତାଙ୍କୁ ଥାନକୁ ନେଇ ଯିବାକୁ କହିବା ପରେ ଘଟଣା ଶାନ୍ତ ପଡିଥିଲା।

## ସରକାରଙ୍କ ବଡ ଘୋଷଣା, ମହିଳାଙ୍କୁ ୫୦% ଭଡା ଛାଡ

**ଚମ୍ବା(ସଂପର୍କବାର୍ତ୍ତା):-** ହିମାଚଳ ଦିବସରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ବଡ ଘୋଷଣା। ବାରମ୍ବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ମହିଳାଙ୍କ ପାଇଁ ବଡ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ମହିଳାଙ୍କୁ ଏବେ ୫୦ ପ୍ରତିଶତ ବସ୍ ଭଡା ଛାଡ କେବଳ ସେତିକି ନୁହେଁ ରାଜ୍ୟରେ ମିଳିବ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ନିଶୁଳ୍କ ଘରୋଇ ବିଜୁଳି। ଏହା ପୂର୍ବରୁ ୬୦ ୟୁନିଟ୍ ନିଶୁଳ୍କ ବିଜୁଳି ମିଳୁଥିଲା। ଏତଦ୍ ବ୍ୟତୀତ ଗ୍ରାମୀଣ ଅଞ୍ଚଳରେ ପାଣି ବିଲ୍ ଛାଡ କରାଯିବ। ସିଏମ୍ କହିଛନ୍ତି ଯେ, ଗ୍ରାମାଞ୍ଚଳରେ ପାଣି ବିଲ୍ ବାବଦକୁ ଜଳଶକ୍ତି ବିଭାଗକୁ ୩୦ କୋଟି ଟଙ୍କାର ଆୟ ମିଳୁଛି। ଯାହାକି ଏବେ ମାଗଣାରେ ମିଳିବ। ସୂଚନା ଅନୁଯାୟୀ ଚମ୍ବାରେ ଆୟୋଜିତ ହିମାଚଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏନସିସି, ଏନଏସ୍‌ଏସ୍ ପୋଲିସ୍ ବ୍ୟାଣ୍ଡ ସମେତ ୧୨ଟି ବ୍ୟାଚ୍ ପରେଡ୍‌ରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ବିପିନ ପରମାର ଏବଂ ଜଙ୍ଗଲ ମନ୍ତ୍ରୀ ରାକେଶ ପଠାନିୟା ମଧ୍ୟ ଉପସ୍ଥିତ ଥିଲେ।



ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା



# ସମ୍ପାଦକୀୟ

## ଐତିହ୍ୟର ହା ହା କାର !!

ପ୍ରତିବର୍ଷ ଏପ୍ରିଲ ୧୮ ତାରିଖୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରାଯାଏ । ଆମ ପୂର୍ବଜ ଦେଇଥିବା ଧରୋହର, ପରମ୍ପରା, ପୁରୁଣା ଦିନର ଅମୂଲ୍ୟ ସ୍ମୃତିକୁ ସାଇତି ରଖିବା ଉଦ୍ଦେଶ୍ୟରେ ୟୁନେସ୍କୋ ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମ ବିଶ୍ୱ ଐତିହ୍ୟ ଦିବସ ଏପ୍ରିଲ ୧୮, ୧୯୮୨ରେ ଟ୍ୟୁନିଶିୟାରେ ପାଳନ କରାଗଲା । ପ୍ରତ୍ୟେକ ଦେଶର ଇତିହାସ, ତାର ବର୍ତ୍ତମାନ ଓ ଭବିଷ୍ୟତର ମୂଳଦୂଆ ଥାଏ । ଯେଉଁ ଦେଶର ଇତିହାସ ଯେତେ ଗୌରବମୟୀ, ବିଶ୍ୱ ସ୍ତରରେ ତାର ସ୍ଥାନ ସେତିକି ଉଚ୍ଚରେ। ବିତି ଯାଇଥିବା କାଲି କେବେ ଫେରିଆସେନା, କିନ୍ତୁ ସେ କାଳର ପ୍ରାକୃତିକ ଓ ଐତିହାସିକ ସମ୍ପଦ, ଅଟ୍ଟାଳିକା, ସାହିତ୍ୟ ଆଦି ସର୍ବଦା ସଜୀବ ଥାଏ । ବିଶ୍ୱ ଐତିହ୍ୟ ସ୍ଥାନ ପ୍ରତ୍ୟେକ ଦେଶର ସଭ୍ୟତା ଓ ପ୍ରାଚୀନ ସଂସ୍କୃତିର ମହତ୍ୱପୂର୍ଣ୍ଣ ପରିଚାୟକ ବୋଲି ମନେ କରାଯାଏ। ୧୯୮୩ରେ ଭାରତର ୪ଟି ଐତିହାସିକ ସ୍ଥଳକୁ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ୟୁନେସ୍କୋ ଚିହ୍ନଟ କରିଥିଲା। ସେଗୁଡ଼ିକ ହେଉଛି ତାଜମହଲ, ଆଗ୍ରା ଦୁର୍ଗ, ଅଜନ୍ତା ଓ ଏଲୋରା ଗୁମ୍ଫା। ପରେ ପରେ ଭାରତର ଅନେକ ଐତିହାସିକ ସ୍ଥଳକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ତାଲିକାରେ ସ୍ଥାନ ଦେଇଛି। ୨୦୧୧ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ସମୁଦାୟ ୯୧୧ଟି ବିଶ୍ୱ ଐତିହ୍ୟ ସ୍ଥଳ ଥିଲା । ତନ୍ମଧ୍ୟରୁ ୭୦୪ଟି ଐତିହାସିକ ଓ ସାଂସ୍କୃତିକ, ୧୮୦ଟି ପ୍ରାକୃତିକ ଏବଂ ୨୭ଟି ମିଶ୍ରିତ ସ୍ଥଳ ଅଛି ।

ଆଜି ଦିନରେ ସାରା ବିଶ୍ୱ ପାଳନ କରୁଛି ଐତିହ୍ୟ ଦିବସ। ଆମେ ବି ପାଳୁଛୁ - ଦେଶରେ, ରାଜ୍ୟରେ । ପତ୍ରପତ୍ରିକାରେ ବଡ଼ ବଡ଼ ଲେଖା ଛାପୁଛୁ । ଐତିହ୍ୟ ବୋଲି ଯାହାକୁ ବୁଝୁ ସେଗୁଡ଼ିକର ବିଭିନ୍ନ ଅବସ୍ଥାର ଫଟୋଚିତ୍ର ପ୍ରକାଶ କରୁଛୁ । ଆଲୋଚ୍ୟ ସମ୍ମାନ ଆଦି ଆୟୋଜନ କରି ଐତିହ୍ୟର ସୁରକ୍ଷା ସମ୍ପର୍କରେ ଅର୍ଥହୀନ ଉଚ୍ଚାରଣଗୁଡ଼ାଏ କରୁଛୁ । କିନ୍ତୁ କ'ଣ ଏ ଐତିହ୍ୟ ? ଏହା କେଉଁ ଅବସ୍ଥାରେ ରହିଛି ? ସଂରକ୍ଷଣର ବାଟ କ'ଣ ଏବଂ ସମ୍ଭାବନା କେତେ - କିଛି ଚିନ୍ତା କରିଛୁ ? ଐତିହ୍ୟ କେବଳ ସ୍ଥାପତ୍ୟ କି କୀର୍ତ୍ତିରାଜି ନୁହେଁ। ଅଥବା ଇତିହାସର ନୁହେଁ। ଐତିହ୍ୟ ହେଉଛି ଗୋଟିଏ ଜାତିର ଜୀବନର ସୂଚୀପତ୍ର। ତାର ପ୍ରାଣ ସ୍ପନ୍ଦନ। ଗୋଟିଏ ଦେଶର ସଭ୍ୟତାର ପରିଭାଷା ହେଉଛି ଏହି ଐତିହ୍ୟ।



ଡ଼ଃ.ଅରୁନ୍ଧତୀ ଦେବୀ
ଦୂରଭାଷ : ୯୯୩୭୧୭୨୮୧୦

ଯେଉଁଜାତିର ଐତିହ୍ୟ ଯେତେ ଉନ୍ନତ ସେ ଜାତି ସଭ୍ୟତାର ପରିଭାଷା ହେଉଛି ଏହି ଐତିହ୍ୟ। ଯେଉଁଜାତିର ଐତିହ୍ୟ ଯେତେ ଉନ୍ନତ ସେ ଜାତି ସେତେ ଆଭିଜାତ୍ୟ ସମ୍ପନ୍ନ ବୋଲି କୁହାଯାଏ। ଐତିହ୍ୟର ସୁରକ୍ଷା କୌଣସି ନିର୍ଦ୍ଦିଷ୍ଟ ଦେଶ ବା ଜାତିର ଦାୟିତ୍ୱ ନୁହେଁ, ଏହା ସାରା ବିଶ୍ୱର ମାନବସମାଜର ଦାୟିତ୍ୱ। ଇକୋମ୍ସ ଇଣ୍ଟରନ୍ୟାସନାଲ କାଉନସିଲ ଫର୍ ମନ୍ୟୁମେଣ୍ଟସ୍ ଆଣ୍ଡ ସାଇଟସ୍ ନାମରେ ଏକ ଆନ୍ତର୍ଜାତିକ ସଂସ୍ଥା ରହିଛି। ଏହି ସଂସ୍ଥା ତରଫରୁ ୧୯୮୨ ମସିହା ଏପ୍ରିଲ ୧୮ ତାରିଖରେ ଟ୍ୟୁନିସିଆଠାରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ସେହି ଆଲୋଚନାଚକ୍ରରେ ନିଷ୍ପତ୍ତି ନିଆଗଲା, ସାଂସ୍କୃତିକ ଐତିହ୍ୟ ଏବଂ ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ ଆବଶ୍ୟକତା ଉପରେ ବିଶ୍ୱ ଜନସମୁଦାୟ ସଚେତନ ହେବା ପାଇଁ ଅବସର ସୃଷ୍ଟି କରାଯିବ। ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଦିନ ସ୍ଥିର କରାଗଲା। ସେହି ଦିନଟି ହେଉଛି ଏପ୍ରିଲ ୧୮/୧୯୮୨ ମସିହା ପରଠାରୁ ଏହି ଦିନଟିକୁ ସାରା ବିଶ୍ୱରେ ଐତିହ୍ୟ ଦିବସ ଭାବେ ପାଳନ କରାଯାଇ ଆସୁଛି। ତେବେ ଏହା କେବଳ ଆନୁଷ୍ଠାନିକତା ଭିତରେ ଛନ୍ଦି ହୋଇ ରହିଯାଇଛି ନା ସତରେ ଐତିହ୍ୟର ସଂରକ୍ଷଣ ସହିତ ତାର ଗାରିମାକୁ ଆହୁରି ଉଜାଗର କରୁଛି, ତାହା ଏକ ବଡ଼ ପ୍ରଶ୍ନ। ଗବେଷକମାନଙ୍କ ମତରେ ଐତିହ୍ୟ ଦୁଇ ପ୍ରକାର । ଦୃଶ୍ୟମାନ ଓ ଅନୁଭବ୍ୟ। ସ୍ଥାପତ୍ୟ କଳା, ମନ୍ଦିର, ମୂର୍ତ୍ତି ଆଦି ହେଉଛି ଦୃଶ୍ୟମାନ ଐତିହ୍ୟ । ଆମ ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ଚିଲିକା, ଅଂଶୁପା, ଭଳି ହ୍ରଦ ଗନ୍ଧମାର୍ଦ୍ଦନ ଭଳି ପର୍ବତ ମଧ୍ୟ ପ୍ରାକୃତିକ ଦୃଶ୍ୟମାନ ଐତିହ୍ୟ। ଭାଷା, ପରମ୍ପରା, ନୃତ୍ୟ, ସଂଗୀତ ଆଦି ହେଉଛି ଅଦୃଶ୍ୟ ବା ଅନୁଭବ୍ୟ। ଏହା ଦେଖିହୁଏ ନାହିଁ, କିନ୍ତୁ ଅନୁଭବ କରିହୁଏ। ତେବେ, ଉଭୟ ଦୃଶ୍ୟମାନ ଓ ଅନୁଭବ୍ୟ ଐତିହ୍ୟ ଆଜି ଅସୁରକ୍ଷିତ ଏବଂ ବିପନ୍ନ ସ୍ଥିତିରେ । କେନ୍ଦୁଝର ଜିଲ୍ଲାର ସୀତାବିଂଜ ପ୍ରସ୍ତର କଳା, ଗଞ୍ଜାମ ଜିଲ୍ଲା ବୁଗୁଡ଼ାର କାଠ ତିଆରି ପ୍ରାଚୀନ ବରିଞ୍ଚି ନାରାୟଣ ମନ୍ଦିର- ଯାହାକୁ କାଠର କୋଣାର୍କ କୁହାଯାଏ। କୋଣାର୍କ ସୂର୍ଯ୍ୟ ମନ୍ଦିର ଆଦିକୁ ଦେଶରେ ଜଣାପଡ଼େ କେହି ଏମାନଙ୍କର ଅସ୍ତିତ୍ୱ ସମ୍ପର୍କରେ ଆଦୌ ଚିନ୍ତିତ ନୁହନ୍ତି। ସୀତାବିଂଜର ପ୍ରସ୍ତର ଗାତ୍ରରେ ଚିତ୍ର ନାହିଁ ଖାଲି ପଥର ରହିଛି। କୋଣାର୍କର କାରୁକାର୍ଯ୍ୟ ଘୋରି ହୋଇ କ୍ଷୟପ୍ରାପ୍ତ ହୋଇସାରିଲାଣି। କୋଣାର୍କ ମନ୍ଦିର ୪୦ ଭାଗ ବର୍ତ୍ତମାନ ସିମେଣ୍ଟ ଲେପ ଭିତରେ ଲୁଚି ରହିଲାଣି । ବାକି ଅଂଶକୁ ଆଚ୍ଛାଦିତ କରି ରଖିଛି ମହଣ ମହଣ ଓଜନର ଲୁହାଭରା।

ସଂରକ୍ଷଣ ପାଇଁ ଅର୍ଥର ଅଭାବ ନାହିଁ । ବିଶ୍ୱବ୍ୟାଙ୍କ ପଇସା ଦେଉଛି, କେନ୍ଦ୍ର ସରକାର ପଇସା ଦେଉଛନ୍ତି । କିନ୍ତୁ ସଂରକ୍ଷଣ ଦାୟିତ୍ୱରେ ଥିବା ଏଏସ୍ଆଇ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ଇନଟାକ୍ କେହି ହେଲେ ସଂରକ୍ଷଣ ଦାୟିତ୍ୱ ତୁଲାଇ ପାରୁନାହାନ୍ତି । ଏଏସ୍ଆଇ ଅଧୀନରେ ଓଡ଼ିଶାର ୮୦ଟି ପ୍ରାଚୀନ ମନ୍ଦିର ସ୍ଥାପତ୍ୟର ସଂରକ୍ଷଣ ଦାୟିତ୍ୱ ନ୍ୟସ୍ତ ରହିଛି । ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ହାତରେ ଅଛି ୩୦୦ଟିର ଦାୟିତ୍ୱ। ଏଏସ୍ଆଇ କେନ୍ଦ୍ର ବଜେଟ ଅର୍ଥରେ କାମ କରୁଛି, ରାଜ୍ୟ ଉପରେ ନିର୍ଭର କରୁନି । ଦ୍ୱାଦଶ ଅର୍ଥ କମିଶନଙ୍କ ପରେ ତ୍ରୟୋଦଶ ଅର୍ଥ କମିଶନ ବି ରାଜ୍ୟର ଐତିହ୍ୟ ସଂରକ୍ଷଣ ପାଇଁ ହାତ ଖୋଲା କରିଦେଇଛନ୍ତି । ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ୮୦ କୋଟି ଟଙ୍କା ଦେଇଛନ୍ତି ମନ୍ଦିର ଗୁଡ଼ିକର ପୁନରୁଦ୍ଧାର ପାଇଁ। ଇନ୍ଟାକକୁ ମଧ୍ୟ ୧୦ କୋଟି ମିଳିଛି। କିନ୍ତୁ ଏତେ ଅର୍ଥ ହେଉଛି କ'ଣ ? ଜାତିର ବହୁମୂଲ୍ୟ ଐତିହ୍ୟ ସଂରକ୍ଷଣ କରାଯାଉଛି କେମିତି ? ଏହାକୁ ଯାଞ୍ଚ କରୁଛି କିଏ ? ପ୍ରାଚୀନ ଐତହ୍ୟ ଭିତରେ ଆସୁଛି ଆଗ ଓଡ଼ିଆଭାଷା। ରାଜ୍ୟ ସାରା ଇଂରାଜୀ ମାଧ୍ୟମ ବିଛେଇ ହୋଇସାରିଛି କେଉଁକାଳୁ। ପିଲା ଓଡ଼ିଆ ଭୁଲି ସାରିଲେଣି। କୌଣସି ସରକାରୀ ଅଫିସରେ ଓଡ଼ିଆଭାଷାରେ ଚିଠିଟିଏ ବି ଲେଖା ହେଉନି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ବୋଲି ଆମେ ସମସ୍ତେ ଗଦ୍‌ଗଦ୍ ହେଲୁ, ଅଥଚ ସାଇନ୍ ବୋର୍ଡ଼ଟିଏ ବି ଇଂରାଜୀରୁ ଓଡ଼ିଆକୁ ପରିବର୍ତ୍ତିତ ହେଲା ନାହିଁ । କ'ଣ ହେବ ସଂରକ୍ଷଣ ଏବଂ କାହାପାଇଁ । ଯଦି ଆମେ ନିଜେ ନ ଚାହିଁବା, ଆମକୁ ଜଗିବ କିଏ ?

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# କାଲି ଆଉ ଆଜି ପରିବର୍ତ୍ତନର ପଦଚିହ୍ନ

୧୯୪୮ ଏପ୍ରିଲ ୧୩। ରାଜଧାନୀ ଭୁବନେଶ୍ୱରର ଶିଳାନ୍ୟାସ ପଡ଼ିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଏହାର ଶିଳାନ୍ୟାସ ଦେଇଥିଲେ। ଭୁବନେଶ୍ୱର ସହର ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଥିଲେ ଡକ୍ଟର ଓଟୋ ଏଚ୍.କୋଏନିସବର୍ଗର କେନ୍ଦ୍ର ଗୃହନିର୍ମାଣ ଓ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ। ମାଷ୍ଟରପ୍ଲାନ ପ୍ରସ୍ତୁତି ପାଇଁ ବ୍ୟୟବରାଦ ହୋଇଥିଲା ୬୧୦୦ ଟଙ୍କା। ୧୬.୪୮ ବର୍ଗ କିଲୋମିଟର ଅଞ୍ଚଳ ଓ ୪୦ ହଜାର ଜନସଂଖ୍ୟାକୁ ନେଇ ରାଜଧାନୀର ପରିକଳ୍ପନା କରାଯାଇଥିଲା। ସେତେବେଳେ କଳ୍ପନା ଛକରୁ ରାଜଭବନ ଓ ଶିଶୁଭବନ ଛକରୁ ସତ୍ୟନଗର ମଧ୍ୟରେ ସୀମିତ ଥିଲା କ୍ୟାପିଟାଲ ସହର। ପ୍ରଥମ ପର୍ଯ୍ୟାୟରେ ପୁରୁଣା ବିଧାନସୌଧ, ସଚିବାଳୟ ଓ ମାର୍କେଟ ବିଲ୍ଡିଂକୁ ମିଶାଇ ପ୍ରାୟ ୧୫୦୦ କୋଠାବାଡ଼ି ନିର୍ମାଣ ଲାଗି ମାଷ୍ଟରପ୍ଲାନ ହୋଇଥିଲା। ନେବରହୁଡ଼ ୟୁନିଟ ଯୋଜନାରେ ରାଜଧାନୀ ନିର୍ମାଣର ନିଁ ପଡ଼ିଥିଲା। ଇତିମଧ୍ୟରେ ୬୮ ବର୍ଷର ଲମ୍ବା ପଥ ଅତିକ୍ରମ ହୋଇଯାଇଛି। ୬୭ରେ ପାଦ ଥାପିଛି ରାଜଧାନୀ ଭୁବନେଶ୍ୱର। ଏହି ବାଟରେ ଅନେକ କିଛି ବଦଳି ଯାଇଛି। ୧୬.୬୪ ବର୍ଗ କିଲୋମିଟର ଅଞ୍ଚଳରୁ ନେଇ ଜନ୍ମ ନେଇଥିବା ରାଜଧାନୀର ସରହଦ ୧୧୧୦ ବର୍ଗ କିଲୋମିଟରକୁ ବ୍ୟାପିଗଲାଣି। ୧୯୪୮ର ସେଇ ଛୋଟିଆ ସହର ଆଜି ଭାରତବର୍ଷରେ ଏକ ପ୍ରମୁଖ ସହର ଭାବେ ମୁଣ୍ଡ ଟେକିଛି। ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟରେ ଅନେକ ବାଟ ଆଗେଇଛି ଭୁବନେଶ୍ୱର।

ଗମନାଗମନ ଓ ପରିବହନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ସହର ଆରମ୍ଭ ବେଳେ ଯେଉଁ କାଁ ଭାଁ ଗାଡ଼ି ମଟର ଗଡୁଥିଲା, ସେଠି ଆଜି ୨୪ ଘଣ୍ଟା ଗାଡ଼ି ମଟର ଛୁଟୁଛି। ଶଗଡ଼ ଗୁଳା ରାସ୍ତା ଆଉ ନାହିଁ। ସବୁଠି ଚକାଚକ୍ ମାଷ୍ଟରପ୍ଲାନ ରାସ୍ତା। ମାଳମାଳ ଫ୍ଲାଏଭଓର ଠିଆ ହୋଇଥିବାବେଳେ ସହିଦନଗର-ବମିଖାଲ, ପୋଖରୀପୁଟ, ଭିଏସଏସ୍ ନଗର, ମଞ୍ଚେଶ୍ୱର ସବୁଠି ଫ୍ଲାଏଭର ନିର୍ମାଣ ଚାଲିଛି। ଜାତୀୟ ରାଜପଥରେ ବାଣୀବିହାର-ଆଚାର୍ଯ୍ୟ ବିହାର, ଜୟଦେବବିହାର, ସିଆରପି, ଫାୟାରଷ୍ଟେସନରେ ଫ୍ଲାଏଓଭର ଖୋଲିଛି। ରସୁଲଗଡ଼ ଓ ପାଣ୍ଡରାରେ ଫ୍ଲାଏଓଭର କାମ ଆଗେଇଛି। ପୁରୀ-ଭୁବନେଶ୍ୱର ମଧ୍ୟରେ ୬୭ କି.ମି. ରାସ୍ତା ପ୍ରଶସ୍ତିକରଣ ହୋଇଥିବାବେଳେ ପାଣ୍ଡରାରୁ ଦୟା ବ୍ରିଜ ପର୍ଯ୍ୟନ୍ତ ୧୧.୭ କି.ମି. ବାଇପାସ୍ ଖୋଲିଛି। ଏୟାରପୋର୍ଟ, ଜାଗମରାକୁ ଶହେ ଫୁଟିଆ ମାଷ୍ଟରପ୍ଲାନ ରାସ୍ତା ଫିଟିଥିବାବେଳେ ପଲାଶୁଣିରୁ କେନାଲ ବନ୍ଧରେ ଗ୍ୟାରେଜ ଛକକୁ ନୂଆ ରାସ୍ତା ଫିଟିଛି। ଜନଗହଳିପୂର୍ଣ୍ଣ ଜନପଥ ୮ଲେନ୍ ହୋଇଛି। ଗଳିକନ୍ଦି ବି କଂକ୍ରିଟ ହେଉଛି। ଏକଥା ନୁହେଁ ଯେ, କେବଳ ରାସ୍ତା ଚଉଡ଼ା ହେଉଛି। ପରିବହନ ବ୍ୟବସ୍ଥାରେ ବି ବ୍ୟାପକ ପରିବର୍ତ୍ତନ ଆସିଛି। ସହର ଭିତରେ ସିଟି ବସ୍ ଏବେ ଲାଇଫ ଲାଇନ ପାଲଟିଛି। ଏସିସିଟି ବସ ବି ଗଡ଼ିଲାଣି। ମହିଳାଙ୍କ ପାଇଁ ପିଙ୍କ ଅଟୋ ଓ ସତନ୍ତ୍ର ସିଟି ବସ୍ ଚାଲିଲାଣି। ବିମାନ ସେବା ବି ତ୍ୱରାନ୍ୱିତ ହୋଇଛି। ବିମାନ ବନ୍ଦରକୁ ଆନ୍ତର୍ଜାତିକ ମାନ୍ୟତା ମିଳିଥିବାବେଳେ ଖୁବ୍‌ଶୀଘ୍ର ବିଦେଶକୁ ବିମାନ ଯାତ୍ରା କରିହେବ। ଇତିମଧ୍ୟରେ ଭୁବନେଶ୍ୱରରୁ ଜୟପୁର, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଆଦି ସହରକୁ ବିମାନ ଚଳାଚଳ କଲାଣି।

ଶିକ୍ଷା କ୍ଷେତ୍ରରେ ବି ବୈପ୍ଳବିକ ପରିବର୍ତ୍ତନ ଦେଖାଦେଇଛି। ସମଗ୍ର ପୂର୍ବ ଭାରତରେ ଶିକ୍ଷାର ହବ୍ ପାଲଟିଛି



ନାରାୟଣ ଚନ୍ଦ୍ର ବିଶ୍ୱାଳ
ବାକ୍ ଶ୍ରବଣ ବିଶେଷଜ୍ଞ, କଟିକଟା, ମଙ୍ଗଳପୁର,
ଯାଜପୁର, ଦୂରଭାଷ : ୯୪୩୮୨୭୬୭୬୦

ଭୁବନେଶ୍ୱର। ନାଇଜର, ଆଇଆଇଟି, ଏମ୍ସ ଭଳି ଜାତୀୟ ଅନୁଷ୍ଠାନ ସହ ବହୁ ପ୍ରତିଷ୍ଠିତ ଘରୋଇ ଶିକ୍ଷାନୁଷ୍ଠାନ ଆତ୍ମପ୍ରକାଶ କରିଛନ୍ତି। ବଦଳିଛି ଭୁବନେଶ୍ୱରବାସୀଙ୍କ ଜୀବନ ଶୈଳୀ। କ୍ରମଶଃ ପାଶ୍ଚାତ୍ୟ ପ୍ରଭାବ ଦେଖିବାକୁ ମିଳୁଛି। ଚାଳିଆ ରୂପମହଲ ସିନେମା ହଲ୍ ଏବେ ଅତୀତ। ଆଜି ଭୁବନେଶ୍ୱରରେ ଅତ୍ୟାଧୁନିକ ମଲ୍ଟିପ୍ଲେକ୍ସ ଆଇନକ୍ସରେ ସିନେମା ମଜା ଉଠାଉଛନ୍ତି ଯୁବପିଢ଼ୀ। ଜୟଦେବବିହାର, ରବୀନ୍ଦ୍ର ମଣ୍ଡପ, ଇଡିକଲ୍ ଅଡିଟୋରିୟମ, ଉତ୍କଳ ମଣ୍ଡପରେ ନିତି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭୁବନେଶ୍ୱରବାସୀଙ୍କୁ ଝୁମାଉଛି। ମନୋରଞ୍ଜନ ପାଇଁ ତାରକା ହୋଟେଲରେ ବି ରଙ୍ଗୀନ ଆସର ଜମୁଛି। ନାମୀଦାମୀ ହୋଟେଲଗୁଡ଼ିକରେ ଡିଜେ ନାଇଟ୍ସ ସହ ପୁଲ ପାର୍ଟି ବି ଜମିଲାଣି। ମାର୍କେଟ ବିଲିଡିଂରୁ ଆରମ୍ଭ ହୋଇଥିବା ସପିଂ ଟ୍ରେଣ୍ଡକୁ ଆହୁରି ବଢ଼ାଇ ଦେଇଛି ନୂଆ ନୂଆ ମଲ। ଫୋରମ ମାର୍ଟ ଠାରୁ ଆରମ୍ଭ କରି ପାଣ୍ଟାଲୁନ୍ସ, ରିଲାଏନ୍ସ ଭଳି ନାମୀଦାମୀ କମ୍ପାନୀ ବଜାର ପ୍ରବେଶ କରିଛନ୍ତି। ଭବାନୀ, କେଶରୀ, ପାଲ ହାଇଟ୍ସ ଭଳି ମଲ୍ ଠିଆ ହୋଇଛି। ପାଶ୍ଚାତ୍ୟ ଖାଦ୍ୟର ଟ୍ରେଣ୍ଡ ବି ଆରମ୍ଭ ହୋଇଛି। କେଫ୍‌ସି ଫୁଡ୍ ଚେନ୍ ନେଟୱର୍କ ଭୁବନେଶ୍ୱରରେ ଶାଖା ଖୋଲିଛି। ଚିକିତ୍ସା କ୍ଷେତ୍ରରେ ବିଏମ୍‌ସି ହସ୍ପିଟାଲରୁ ଆରମ୍ଭ ହୋଇଥିବା ଅଭିଯାନ ଏବେ ଅନେକ ବାଟ ଆଗେଇଲାଣି। ଇତିମଧ୍ୟରେ କ୍ୟାପିଟାଲ ହସ୍ପିଟାଲରେ ବିଭିନ୍ନ ବିଭାଗ ଖୋଲିଛି। ସେହିପରି କଳିଙ୍ଗ, ଆପୋଲୋ, ସମ୍ ହସ୍ପିଟାଲ, ଆମ୍ରି ହସ୍ପିଟାଲ, ଆଦିତ୍ୟ କେୟାର, ହାଇଟେକ୍, କିମ୍ସ, କର କ୍ଲିନିକ୍, ନୀଳାଚଳ ଭଳି ବହୁ ପ୍ରତିଷ୍ଠିତ ମେଡ଼ିକାଲ ଖୋଲିଛି। ମୌଳିକ ସୁବିଧା କ୍ଷେତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି। ରାସ୍ତା ସଫେଇ ପାଇଁ ଝାଡୁ ସହ ମେସିନ୍ ବି ଚାଲିଲାଣି। ଘରୋଇ ସଂସ୍ଥା ଘର ଘର ବୁଲି ଆବର୍ଜନା ଉଠାଉଛନ୍ତି। ଅତ୍ୟାଧୁନିକ ଏଲଇଡି ଷ୍ଟ୍ରିଟ୍ ଲାଇଟରେ ସହର ଝଲସୁଛି। ମୌଳିକ ସୁବିଧା ଯୋଗାଇ ଦେବାର ଦାୟିତ୍ୱ ମୁଣ୍ଡାଇଥିବା ବିଏମ୍‌ସି କାର୍ଯ୍ୟାଳୟର ଚେହେରା ବି ବଦଳିଛି। ଏବେ ପୁଣି ୮ ମହଲା ବିଶିଷ୍ଟ ବିଏମ୍‌ସି ଅଫିସ ନିର୍ମାଣ ପାଇଁ ଯୋଜନା ଆଗେଇଲାଣି। ଗଲା ୬୬ବର୍ଷ ଭିତରେ ଭୁବନେଶ୍ୱର ଅନେକ ପରିବର୍ତ୍ତନ ଦେଖିଛି। ତେବେ ଭୁବନେଶ୍ୱର ଯେତିକି ବାଟ ଆଗେଇଛି, ସେହି ଅନୁପାତରେ କିଛି କିଛି ସମସ୍ୟା ବି ମୁଣ୍ଡ ଟେକିଛି। କ୍ଷୋଭର ସହ ଆମେ ଏଠାରେ କହିରଖୁ, ୬୦ ଦଶକର କୃଷ୍ଣଚୂଡ଼ାର ରାଜଧାନୀ ଆଉ ନାହିଁ। ରାସ୍ତା ତିଆରି ଆଳରେ ଏଡି ସବୁ ସଫା ହୋଇ ସାରିଲାଣି। ସେହିପରି ଆଇନ୍‌ଶୃଙ୍ଖଳା ପରିସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ସେଥିଲାଗି କମିଶନରେଟ ପୋଲିସ ବ୍ୟବସ୍ଥା ହେବାପରେ ମଧ୍ୟ ଅପରାଧ ସଂଖ୍ୟା ହ୍ରାସ ପାଉନାହିଁ। ବରଂ ଦିନକୁ ଦିନ ଏହା ବଢୁଛି ବୋଲି କୁହାଯାଇପାରେ। ସେହିପରି ରାଜଧାନୀ ଭୁବନେଶ୍ୱରକୁ ଆଦର୍ଶ ନଗରୀରେ ପରିଣତ କରିବାକୁ ହେଲେ ସର୍ବପ୍ରଥମେ ଏଠିକାର ବାସିନ୍ଦାମାନଙ୍କୁ ଏଥିପାଇଁ ସଚେତନ ହେବାକୁ ପଡ଼ିବ। ସେହିପରି ମହାନଗର ନିଗମ ମଧ୍ୟ ସହରକୁ କିପରି ଆଦର୍ଶ ସହର କରିହେବ ସେଥିନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଦରକାର। ସହରାଞ୍ଚଳ ବିକାଶ ମନ୍ତ୍ରାଳୟ ମଧ୍ୟ ଏଥିନିମିତ୍ତ ଦୃଷ୍ଟି ଦେବା ଉଚିତ। ବିଶେଷତଃ ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କ ସମେତ ପୋଲିସ କମିଶନର ଓ ଡିସିପି ସହରର ସର୍ବାଙ୍ଗୀନ ଉନ୍ନତି ଲାଗି ଉଦ୍ୟମ ଅବ୍ୟାହତ ରଖିଲେ ନିଶ୍ଚିତ ଭାବେ ଏହା ଦେଶର ଅନ୍ୟତମ ଆଦର୍ଶ ରାଜଧାନୀରେ ପରିଣତ ହୋଇପାରିବ ବୋଲି ଆମର ଆଶା ଓ ଦୃଢ଼ ବିଶ୍ୱାସ।

# ସାତ୍ତ୍ୱିକ ଖାଦ୍ୟ ଓ ନିରାମୟ ଜୀବନ

ସଂପ୍ରତି ଭୟାବହ କରୋନାକୁ ନେଇ ସାଧାରଣରେ ଉଦ୍‌ବେଗ ସୃଷ୍ଟି ହେଉଥିବାବେଳେ ଶାକାହାର ଖାଦ୍ୟ, ସାତ୍ତ୍ୱିକ ଜୀବନ ବର୍ତ୍ତମାନ ସମୟ ପାଇଁ ଏକ ବଡ଼ ଅନୁଶୀଳନ ହୋଇଛି। ଏକ ନୀରୋଗ ଶରୀର ମାଧ୍ୟମରେ ସୁଖଶାନ୍ତିଭରା ଜୀବନଯାପନ କରିବା ପାଇଁ ଖାଦ୍ୟର ଉପାଦେୟତା ରହିଛି। ମାନବ ଶରୀର ସହଜରେ ନାନା ପ୍ରକାର ରୋଗବ୍ୟାଧି ଆକ୍ରାନ୍ତ ହୋଇ ଦୁର୍ବଳ ଓ ଅକର୍ମଣ୍ୟ ହୋଇ ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ବୋଝ ହୋଇଥାଏ । ଗୋଟିଏ ସୁସ୍ଥ ଶରୀର ଅନ୍ୟମାନଙ୍କ ପାଇଁ ବୋଝ ନ ହୋଇ ଉତ୍ତମ ସ୍ୱାସ୍ଥ୍ୟକୁ ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଅଭିହିତ କରାଯାଇଛି। ସରଳ ଜୀବନ ଯାତ୍ରାର ପ୍ରଣାଳୀ ଅବଲମ୍ବନ ସହଜ ସାବଲୀଳ ଶାରୀରିକ ବ୍ୟାୟାମ ଓ ଖାଦ୍ୟ ଉପରେ ନିଜର ନିୟନ୍ତ୍ରଣ ରଖିପାରିଲେ ଶରୀର ସୁସ୍ଥ ରହେ। ଖାଦ୍ୟପଦାର୍ଥର ସ୍ୱାଦୁ ଜାଣିବା ପାଇଁ ଜିହ୍ୱା ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ପାଇଁ ଜିହ୍ୱା ମନକୁ ପ୍ରଭାବିତ କରିଥାଏ। ଫଳରେ ଅନିୟନ୍ତ୍ରିତ ମନର ପ୍ରଭାବରେ ଅଧିକ ପରିମାଣରେ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ଯୋଗୁ ଶରୀର ରୋଗାକ୍ରାନ୍ତ ହୋଇଥାଏ। ଅଧିକ ଚର୍ବି ଜାତୀୟ ଖାଦ୍ୟ, ଆମିଷ, ତେଲ, ଘିଅ, ଶ୍ୱେତସାର ଓ ମାଦକ ଦ୍ରବ୍ୟ ଖାଇବା ଦ୍ୱାରା ଶରୀରର ସ୍ଥୁଳତା ବୃଦ୍ଧି ପାଏ। ଅଧିକ ମସଲା, ରାଗ, ଚା, କଫି ଓ ମଦ୍ୟପାନ ପାକସ୍ଥଳୀ ଓ ଅନ୍ତଃନଳୀରେ ପ୍ରଦାହ ସୃଷ୍ଟି କରେ। ନିୟମିତ ଭାବେ ଖାଦ୍ୟ ଗ୍ରହଣର ବ୍ୟବଧାନ ଉପରେ ଦୃଷ୍ଟିରଖି ଖାଦ୍ୟ ଗ୍ରହଣ କଲେ ପାଚନ କ୍ରିୟା ସ୍ୱାଭାବିକ ହେବା ସହ ଶରୀର କାର୍ଯ୍ୟକ୍ଷମ ରହେ।

ଖାଦ୍ୟର ପରିମାଣ ଓ ଗୁଣାତ୍ମକମାନ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିଥାଏ । ବିଭିନ୍ନ ଖାଦ୍ୟ ଗ୍ରହଣ ଦ୍ୱାରା ଶରୀର ମଧ୍ୟରେ ଉତ୍ପନ୍ନ ହେଉଥିବା ଭିନ୍ନ ଭିନ୍ନ ପ୍ରକାରର ଶକ୍ତି ଦେହ ଓ ମନକୁ ବିଭିନ୍ନ ଭାବରେ ପରିଚାଳିତ କରେ। ଯେପରି ଖାଦ୍ୟ ସେପରି ମନ। ଯେପରି ମନ ସେପରି ଚିନ୍ତା, ସେପରି ବ୍ୟବହାର ଓ କାର୍ଯ୍ୟ ଏବଂ ଯେପରି କାର୍ଯ୍ୟ ସେପରି ସ୍ୱାସ୍ଥ୍ୟ, ଖାଦ୍ୟ ମନୁଷ୍ୟକୁ ଚଳଚଞ୍ଚଳ କାର୍ଯ୍ୟକ୍ଷମ, ମାନ୍ଦା, ଚିନ୍ତାଗ୍ରସ୍ତ, ବିଷାଦଚିତ୍ତ ବା ପ୍ରଫୁଲ୍ଲ ରଖେ। ଖାଦ୍ୟର ପ୍ରକାରଭେଦ ଏକାଗ୍ରତାକୁ ନିୟନ୍ତ୍ରିତ କରେ। ଖାଦ୍ୟ ପରିମାଣ ଓ ଗୁଣାତ୍ମକମାନ ଆତ୍ମସଂଯଜମର ହ୍ରାସ ବୃଦ୍ଧିକୁ ମଧ୍ୟ ନିୟନ୍ତ୍ରିତ କରେ। ଜଣେ ମନିଷୀ ଖାଦ୍ୟ ଗ୍ରହଣକୁ ପଶୁପକ୍ଷୀମାନଙ୍କ ଖାଦ୍ୟ ଗ୍ରହଣ ସହିତ ତୁଳନା କରି କହିଛନ୍ତି ଜ୍ୱରରେ ଆକ୍ରାନ୍ତ କୁକୁର ଖାଦ୍ୟ ଖାଏ ନାହିଁ । ମାଲିକ ତା ପାଖରେ ଯେତେ ଚକ୍ଷୁ ରୋଚକ ସୁସ୍ୱାଦୁ ଖାଦ୍ୟ ରଖିଲେ ମଧ୍ୟ ସେ ଖାଦ୍ୟ ନଖାଇ ଶୋଇ ରହେ। ମନୁଷ୍ୟ ଜ୍ୱରରେ ଆକ୍ରାନ୍ତ ହେଲେ ଔଷଧ ବ୍ୟବହାର କରି ସାମୟିକ ଭାବେ ସୁସ୍ଥ ହୋଇ ମନଇଚ୍ଛା ଖାଦ୍ୟ ଗ୍ରହଣ ଦ୍ୱାରା ଅଧିକ ଅସୁସ୍ଥ ହୋଇଯାଏ। ପକ୍ଷୀମାନେ ମଧ୍ୟ ରୋଗଗ୍ରସ୍ତ ହେଲେ ଖାଦ୍ୟ ବର୍ଜନ କରନ୍ତି। ପଶୁପକ୍ଷୀମାନେ ରୋଗଗ୍ରସ୍ତ ହେଲେ କେବଳ ନିଜ ନିଜର ଖାଦ୍ୟକୁ ନିୟନ୍ତ୍ରଣ କରିବା ଦ୍ୱାରା ଆରୋଗ୍ୟ ହୋଇଥାଆନ୍ତି। ମନୁଷ୍ୟ କିନ୍ତୁ ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖେନାହିଁ। ଖାଦ୍ୟ ସମ୍ବନ୍ଧରେ ଗାଆଁ ମାନଙ୍କରେ ଗୋଟିଏ ଲୋକପ୍ରିୟ ସତର୍କ ବାଣୀ ହେଲା ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ ଓ ଖାଇ ଖାଇଲେ ଯମର ଭେଟ। ହିନ୍ଦୁ ଶାସ୍ତ୍ରରେ ଖାଦ୍ୟକୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଏହି



ଆଦିତ୍ୟ କୁମାର ମହାନ୍ତି
ଭୋଲାମିଆଁ ବଜାର, ଶେଖବଜାର, କଟକ,
ଦୂରଭାଷ : ୭୮୭୦୦୦୦୦୫


ତିନିଭାଗରେ ବିଭକ୍ତ କରାଯାଇଛି। ବିଭିନ୍ନ ଖାଦ୍ୟ ମନୁଷ୍ୟର ଦେହ ଓ ମନରେ ଭିନ୍ନ ଭିନ୍ନ ଅବସ୍ଥା ସୃଷ୍ଟି କରିଥାଏ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି ସାତ୍ତ୍ୱିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟି ନକରି ମନକୁ ନିଶ୍ଚଳ ରଖେ। ରାଜସିକ ଖାଦ୍ୟ ମନରେ ଭାବ ପ୍ରବଣତା ସୃଷ୍ଟି କରେ ଓ ତାମସିକ ଖାଦ୍ୟ ମନରେ ଉତ୍ତେଜନା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ସୃଷ୍ଟି କରେ। ଆଧ୍ୟାତ୍ମିକ ମାର୍ଗକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ସର୍ବଦା ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ଶାନ୍ତ, ଶିଷ୍ଟ, ନିଶ୍ଚଳ ଓ ପବିତ୍ର ରହେ। ମଦ ଓ ମାଂସର ମନୁଷ୍ୟ ଶରୀର ଉପରେ ପଡୁଥିବା କୁପ୍ରଭାବ ଆମେମାନେ ଜାଣୁ। ମାଂସ ଭକ୍ଷଣ ଦ୍ୱାରା ମନରେ ହିଂସ୍ର ପ୍ରବୃତ୍ତି ଜାତ ହୁଏ। ମାଂସ ଖାଇବା ପାଇଁ ପଶୁଟିକୁ ହତ୍ୟା କଲାବେଳେ ତା' ମନରେ ଯେଉଁ ପ୍ରତିକ୍ରିୟା ଓ ଭାବାନ୍ତର ସୃଷ୍ଟି ହୁଏ ତାହା ମାଂସଭକ୍ଷଣକାରୀ ମନ ଉପରେ ମଧ୍ୟ ପ୍ରଭାବ ପକାଇପାରେ।

ଖାଦ୍ୟର ମନ ଉପରେ ପ୍ରଭାବ ବିଷୟରେ ମହାଭାରତରେ ଥିବା ଭୀଷ୍ମଙ୍କ ଉଦାହରଣ ରହିଛି। ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ପାଣ୍ଡବମାନେ ସପରିବାର ତାଙ୍କୁ ଦର୍ଶନ କରିବା ପାଇଁ ଗଲେ। ଶରଶଯ୍ୟାରେ ଥାଇ ଭୀଷ୍ମ ପାଣ୍ଡବମାନଙ୍କୁ ସଦାଚାର ବିଷୟରେ କିଛି ଉପଦେଶ ଦେଲେ। ତାହାଶୁଣି ଦ୍ରୌପଦୀ ତାଚ୍ଛଲ୍ୟକରି ହସିବାକୁ ଲାଗିଲେ। କାଳେ ପିତାମହ ଖରାପ ଭାବିବେ ସେଥିପାଇଁ ପାଣ୍ଡବମାନେ ଦ୍ରୌପଦୀଙ୍କୁ ବାରଣ କଲେ। ଭୀଷ୍ମ ହସିବାର କାରଣ ବିଷୟ ପଚାରିବାରୁ ଦ୍ରୌପଦୀ କହିଲେ, 'ଆପଣ ଏତେଦିନ ଧରି କୌରବମାନଙ୍କର ଉପଦେଷ୍ଟା ହୋଇ ରହି ତାଙ୍କୁ ଯଦି ଏ ବିଷୟରେ ଶିକ୍ଷା ଦେଇଥାଆନ୍ତେ ଓ ନିଜେ ଯୁଦ୍ଧ କରିବାରୁ ନିବୃତ୍ତ ରହିଥାଆନ୍ତେ ତା'ହେଲେ ଆଜି ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ଏହି ଧାରଣା ମୋ ମନରେ ଆସିବାରୁ ଆପଣଙ୍କ କଥା ଶୁଣି ମୋତେ ହସ ଲାଗିଲା।' ଭୀଷ୍ମ ଉତ୍ତର ଦେଲେ କୌରବମାନଙ୍କ ଅନ୍ନରେ ମୋର ଏ ଶରୀର ପ୍ରତିପାଳିତ ହୋଇ ଆସୁଥିବାରୁ ମୋ' ଶରୀରର ରକ୍ତ ସେମାନଙ୍କ ଖାଦ୍ୟ ଦ୍ୱାରା ଗଠିତ ହୋଇଥିଲା । ତେଣୁ ସେମାନେ ମୋତେ ଯାହା ଚାହୁଁଥିଲେ ମୋ'ମନ ତାହା କରିବାକୁ ନିର୍ଦ୍ଦେଶ ଦେଉଥିଲା ଓ ମୁଁ ତାହା କରୁଥିଲି। ଶରଶଯ୍ୟାରେ ରହିବା ଫଳରେ ମୋ'ଦେହରୁ ସେ ଦୂଷିତ ରକ୍ତ ବାହାରିଯାଇ ମୋ'ମନକୁ ପବିତ୍ର କରି ଦେଇଛି। ତେଣୁ ମୁଁ ଆଜି ଏ ଉପଦେଶ ଦେବାକୁ ସମର୍ଥ ହୋଇଛି। ଖାଦ୍ୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଚିନ୍ତାଧାରାକୁ ମଧ୍ୟ ନିୟନ୍ତ୍ରିତ କରେ। ସୀମିତ ପରିମାଣର ଶ୍ୱେତସାର, ପୁଷ୍ଟିସାର ଓ ଅଳ୍ପ ସ୍ନେହସାର ଖାଦ୍ୟ ଖାଇବା ଉଚିତ। ଯଥେଷ୍ଟ ପରିମାଣରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟଭଲ ରହେ। ଖାଦ୍ୟ ଖାଉଥିବାବେଳେ ମଝିରେ ମଝିରେ ପାଣି ପିଇବା ଉଚିତ ନୁହେଁ। ଅନିୟମିତ ଖାଦ୍ୟ ଗ୍ରହଣ ଦ୍ୱାରା ମେଦବହୁଳତା, ଉଚ୍ଚରକ୍ତଚାପ ମଧୁମେହ ରୋଗ, ପରିପାକ ସମସ୍ୟା ଦେଖାଦିଏ। ସେଥିପାଇଁ ନିୟମିତ ବ୍ୟବଧାନରେ ଆବଶ୍ୟକତା ଅନୁଯାୟୀ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଉଚିତ। ଗୋଟିଏ ଉପାଦେୟ ଲୋକକଥା ପ୍ରଚଳିତ ଅଛି। ତାହାହେଲା ଦିନରେ ଥରେ ଆହାର ଗ୍ରହଣ କରନ୍ତି ଯୋଗୀ, ଦୁଇଥର ଆହାର ଗ୍ରହଣ କରନ୍ତି ଭୋଗୀ ଓ ତିନିଥର ଆହାର ଗ୍ରହଣ କରନ୍ତି ରୋଗୀ। ଆବଶ୍ୟକତା ଅନୁଯାୟୀ ସୀମିତ ଆହାର ଗ୍ରହଣ କରି ଯୋଗୀମାନେ ଦୀର୍ଘଜୀବୀ ହେଉଥିଲେ।

# ଛାତ୍ରଙ୍କ ଜଳ ସମାଧୀ !!

ଏକ ଅଭାବନୀୟ ଘଟଣାକ୍ରମରେ କଟକ ସହରର ତିନିଜଣ ପିଲାଙ୍କର ମୂଲ୍ୟବାନ ଜୀବନ ନିର୍ବାପିତ ହୋଇଯାଇଛି। ସାଙ୍ଗ ହୋଇ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ ଆଉ ତୀବ୍ର ଗଣ୍ଡ ଭିତରେ ପଶିଯାଇ ନିଜକୁ ମୁକୁଳାଇ ପାରିଲେ ନାହିଁ। ଏହିଠାରେ ଗୋଟିଏ ବଡ଼ ପ୍ରଶ୍ନ ଉଠୁଛି ଓଡ଼ିଶା ସରକାର ଯୁବ ବର୍ଗଙ୍କ ପାଇଁ ଅନେକ କିଛି କରୁଛନ୍ତି ବୋଲି ଘୋଷଣା କରୁଛନ୍ତି ଏବଂ ନିଜ ଢ଼ୋଲ ନିଜେ ବି ବାଡ଼ଉଛନ୍ତି। ରକ୍ତଦାନ କାର୍ଯ୍ୟକ୍ରମ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ ହେଉ, ଯୁବ ବର୍ଗଙ୍କ ସେବା ନିଶ୍ଚିତ ଗ୍ରହଣୀୟ ଏହାକୁ କେହି ମନେ କରୁନି କିନ୍ତୁ ବଡ଼କଥା ହେଉଛି ପିଲାମାନେ ଯେପରି ରକ୍ତଦାନ କରୁଛନ୍ତି, ବୃକ୍ଷରୋପଣ କରୁଛନ୍ତି ସେହିପରି ସେମାନଙ୍କୁ ପହଁରିବା ଶିକ୍ଷା ବିଧିବଦ୍ଧ ଭାବେ କ'ଣ ପାଇଁ ଦିଆଯାଇପାରୁନାହିଁ। କଟକର ଜୀବନ ରେଖା କୁହାଯାଉଥିବା ମହାନଦୀ ଓ କାଠଯୋଡ଼ି ନଦୀରେ ପ୍ରତିଦିନ କେଉଁଠି ନା କେଉଁଠି ଅଘଟଣ ଘଟୁଛି। ପାଣିରେ ବୁଡ଼ି କାହାର ଜୀବନ ଯାଉଥିଲା ବେଳେ ଆଉ କିଏ ଅଳ୍ପକେ ବର୍ତ୍ତି ଯାଉଛନ୍ତି। ସାମାନ୍ୟ ଅସାବଧାନତା ଲୋକଙ୍କୁ ମରଣ ମୁହଁକୁ ଟାଣି ନେଉଛି। ଯଦିଓ ଦୁଇ ନଦୀର ନିର୍ଦ୍ଦିଷ୍ଟ କେତେକ ସ୍ଥାନକୁ ବିପଦ ସଙ୍କୁଳ ଘୋଷଣା ସହ ସେଠାରେ ସତର୍କ ସୂଚନାଫଳକ ଲଗାଯାଇଛି। ମାତ୍ର ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇଗଲାଣି। ପ୍ରଶାସନର ଏପରି ଅବହେଳା ଓ ଲୋକଙ୍କ ଅସାବଧାନତାରୁ ନଦୀ ବୁଡ଼ି ଜନିତ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗଲା ନଅ ବର୍ଷରେ ପ୍ରାୟ ୩୦ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ସବୁ ଦୋଷ କେବଳ ମହାନଦୀ ମୁଣ୍ଡାଉଛି। ଏମିତିକି ନିଜ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ଲୋକଙ୍କ ଜୀବନରେଖା ପାଲଟି ଥିବା ମହାନଦୀ ଅଭିଶପ୍ତ କହିବା ଆରମ୍ଭ କଲେଣି।

ସର୍ବାଧିକ ଅଘଟଣ ମହାନଦୀର ନରାଜ ଠାରୁ ଯୋବ୍ରା ଆନିକଟ ମଧ୍ୟରେ ଘଟୁଛି। ଯୋବ୍ରା ବ୍ୟାରେଜରେ ଗାଧୋଇବାକୁ ଯାଇ ୨୦୧୩ ମେ ୧୨ରେ ଦୁଇ ଜଣ ଯୁକ୍ତ ଦୁଇ ଓ ୨୩ରେ ବୋଷର ଦୁଇଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ୨୦୧୫ ଏପ୍ରିଲ ୧୩ରେ ରେଭେନ୍ସାର ଚାରି ଜଣ ଛାତ୍ର, ୨୦୧୯ରେ ଏପ୍ରିଲ ୬ରେ ରାଣିହାଟ ଶଗଡ଼ିଆ ସାହିର ଜଣେ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ଗଡ଼ଗଡ଼ିଆ ଘାଟରେ ୨୦୧୩ ଅକ୍ଟୋବର ୩୧ରେ ପୋଲିସ ହାଇସ୍କୁଲ ଓ ପ୍ୟାରୀମୋହନ ଏକାଡ଼େମୀର ୩ ଛାତ୍ର, ୨୦୧୭ ଅଗଷ୍ଟ ୩୦ରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାସନ ଟେକ୍ନୋଲୋଜିର ୩ ଅଣ ଓଡ଼ିଆ ଛାତ୍ର ଓ ଅକ୍ଟୋବର ୨ରେ ଦୁଇଜଣ ଯୁବକ ଭାସି ଯାଇଥିଲେ। ନରାଜରେ ୨୦୧୭ ଅଗଷ୍ଟ ୨୫ରେ ଶ୍ରୀ ଶ୍ରୀ



ଯୁଧିଷ୍ଠିର ମହାରଣା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଧବଳେଶ୍ୱର ଗଡ଼ାରେ ୨୦୧୭ ଅକ୍ଟୋବର ୭ରେ ୩ ଜଣ ୧୦ମ ଶ୍ରେଣୀ ଛାତ୍ର, ୨୦୧୮ ଅକ୍ଟୋବର ୨ରେ ଚହଟାରେ ଦୁଇ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ୨୦୧୯ ଅଗଷ୍ଟରେ ଜଣେ ଜାତୀୟ ସ୍ତରରେ ଖେଳାଳୀ ମହାନଦୀରେ ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି କାଠଯୋଡ଼ିରେ ୨୦୧୮ ମେ ୬ରେ ଜଣେ ୧୦ମ ଶ୍ରେଣୀ ଓ ବିସିଏ ଦ୍ୱିତୀୟ ବର୍ଷ ଜଣେ ଛାତ୍ର ଖାନନଗର ତ୍ରିନାଥ ଗଡ଼ାରେ ବୁଡ଼ି ପ୍ରାଣ ହରାଇଥିଲେ।

ଏହାଛଡ଼ା ୨୦୨୧ ନଭେମ୍ବର ୨୫ରେ ଚାରି ଜଣ ସ୍କୁଲ ଛାତ୍ର କୋଳି ଖାଇବା ପାଇଁ ମହାନଦୀର ଭଦିମୂଳ ଘାଟକୁ ଯାଇ ବୁଡ଼ି ଯାଇଥିଲେ। ଦୁଇ ଦିନ ପରେ ସମସ୍ତଙ୍କ ଶବ ପାଣିରୁ ମିଳିଥିଲା। ସେହିପରି ଗଲା ମାର୍ଚ୍ଚ ୨୯ରେ ନରାଜରେ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇ ଜଣେ ଇଞ୍ଜିନିୟରିଂ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ଏହି ସବୁ ଘଟଣା ବାଦ ଅନେକ ଅଘଟଣରେ ଅନେକଙ୍କ ଜୀବନ ଯାଇଛି। ମୁଖ୍ୟ କଥା ହେଉଛି ସବୁ ଘଟଣା ପଛରେ ଅସାବଧାନତାକୁ ଦାୟୀ କରାଯାଇଛି। ଅନ୍ୟପଟେ ଏଭଳି ଅଘଟଣକୁ ରୋକିବା ଲାଗି ୨୦୧୭ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଭୟ ନଦୀର ଏକାଧିକ ଘାଟରେ ସତର୍କ ସୂଚନାଫଳ ଲଗାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ସୂଚନା ଫଳକ ନଷ୍ଟ ହୋଇଯାଇଛି। ଏହାର ମରାମତି ଲାଗି ଅନେକ ଥର ଦାବି କରାଯିବା ସତ୍ତ୍ୱେ ତାହା ହୋଇପାରିନାହିଁ। ଫଳରେ ନଦୀର ଗଭୀରା ଜାଣି ନପାରି ଲୋକେ ଅକାଳ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି ସ୍ଥିତିରେ ନା ଜନସାଧାରଣ ସଚେତନ ହେଉଛନ୍ତି, ନା ଜିଲ୍ଲା ପ୍ରଶାସନ ନିଜ ଆଡୁ ତତ୍ପରତା ପ୍ରକାଶ କରୁଛନ୍ତି। ଅଘଟଣ ପରେ ସବୁ ଦୋଷ ନଦୀ ଉପରେ ଛାଡ଼ି ଦିଆଯାଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଆନିକଟ ନିକଟରେ ୪୭ ଜଣଙ୍କ ଜୀବନ ଚାଲିଯାଇଛି। ରେଭେନ୍ସାର ଚାରି ଜଣ ଛାତ୍ର କିଛି ମାସ ତଳେ ସୁଅ ମୁହଁରେ ଭାସି ଯାଇଥିଲେ। ସୂଚନା ଥାଉକି ୨୦୧୮ରେ ୮ଜଣ, ୨୦୧୯ରେ ୧୦ଜଣ, ୨୦୨୦ରେ ୧୦ ଜଣ, ୨୦୨୧ରେ ୧୫ ଜଣ ଓ ଚଳିତ ବର୍ଷ ୪ ଜଣ ପିଲାଙ୍କ ଅକାଳ ଜୀବନ ଚାଲିଯାଇଛି। ଯୋବ୍ରା ପାର୍କ ନିକଟରେ ଥିବା ତତ୍ତ୍ୱବଟ ପର୍ଯ୍ୟନ୍ତ ପାଖାପାଖି ତିନଟି ତୁଠରେ ଚଳପ୍ରଚଳ ହୋଇଥାଏ। ସେହିପରି ଅଭିଯୋଗ ଉଠୁଛି ଯେ ଆନିକଟ ଠାରେ ମହାନଦୀର ପାଣିକୁ ନିୟନ୍ତ୍ରଣ ରଖିବା ପାଇଁ ଦାୟିତ୍ୱରତ କର୍ମଚାରୀମାନେ ନିଜ ଇଚ୍ଛା ମୁତାବକ ଗେଟ ଟେକୁଛନ୍ତି। ଯାହାଦ୍ୱାରା ଅଚାନକ ପାଣି ଚାଲି ଆସିବାରୁ ପିଲାମାନେ ନ ଜାଣି ପାରି ମୃତ୍ୟୁର ଶିକାର ହେଉଛନ୍ତି। ପିଲାମାନେ ଅଭାବନୀୟ ଭାବେ ଯେଉଁ ଜଳସମାଧି ନେଲେ ତାହା କ'ଣ ସେମାନଙ୍କ ଭାଗ୍ୟ ଥିଲା ? ପ୍ରଶାସନ କରୁଛି କ'ଣ ଏବଂ ଏ କ୍ଷେତ୍ରରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ପର୍ଯ୍ୟାପ୍ତ କ୍ଷତି ପୂରଣ ଦିଆଯାଉ।

# ଅବିକଶିତ ସ୍ତନକୁ ଛୁଇଁବା ଯୌନ ଶୋଷଣ ଅପରାଧ-କୋର୍ଟ

**କୋଲକାତା(ସଂପର୍କବାର୍ତ୍ତା):-** କୋଲକାତା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇ କହିଛନ୍ତି ଅବିକଶିତ ସ୍ତନକୁ ଛୁଇଁବା ମଧ ଯୌନ ଶୋଷଣ ଅଟେ। ସ୍ତନ ବିକଶିତ ହୋଇନଥିଲେ ମଧ ଏହାକୁ ଯୌନ ଶୋଷଣ ଭାବରେ ଗ୍ରହଣ କରାଯିବ ବୋଲି ୨୦୧୭ର ଏକ ମାମଲାର ଶୁଣାଣି କରି କହିଛନ୍ତି ହାଇକୋର୍ଟ। ଜଣେ ୧୩ ବର୍ଷୀୟ ବାଳିକାର ମା'ଙ୍କ ଅଭିଯୋଗ ଉପରେ ବିଚାର କରି କୋର୍ଟ ଏମିତି ନିଷ୍ପତ୍ତି ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ପୀଡିତାଙ୍କ ପଡୋଶୀ ଅଟେ। ମା' ଘରେ ନଥିବା ସମୟରେ ଘରେ ପଶି ପୀଡିତାଙ୍କ ସ୍ତନ ଛୁଇଁବା ସହିତ କିସ୍ କରିଥିଲେ। ତେବେ ଅଭିଯୁକ୍ତ ସ୍ତନକୁ ଛୁଇଁବା ଅଭିଯୋଗକୁ ଖଣ୍ଡନ କରିଥିଲେ। ଏପରିକି ଚିକିତ୍ସା କରୁଥିବା ଡାକ୍ତର ମଧ ସ୍ତନ ବିକଶିତ ହୋଇନଥିବା କହିଥିଲେ।




ଜଷ୍ଟିସ୍ ବିବେକ୍ ଚୌଧୁରୀ ମାମଲାର ବିଚାର କରିବା ସହିତ ଅଭିଯୁକ୍ତଙ୍କ ଦଲିଲ୍‌କୁ ଖାରଜ କରିଦେଇଥିଲେ। ୧୩ ବର୍ଷର ଝିଅର ସ୍ତନ ବିକଶିତ ହୋଇଛି କି ନାହିଁ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଜଣେ ଯୌନ ଆଶା ରଖି ପ୍ରାଇଭେଟ୍ ପାର୍ଟ ଛୁଇଁବା ଅପରାଧ।

ଘରେ କେହି ନଥିବା ବେଳେ ଘରକୁ ଆସିବା ଏବଂ କିସ୍ କରିବା ସବୁ କିଛି ସ୍ପଷ୍ଟ କରୁଛି। ଜଣେ ପ୍ରାପ୍ତବୟସ୍କ ଏଭଳି ବିନା ଅନୁମତିରେ ଆଉ କାହା ଘରେ ପ୍ରବେଶ କରିବା ସଂପୂର୍ଣ୍ଣ ଭୁଲ୍। କୋର୍ଟ ଏଭଳି କହିବା ସହିତ ପୋକ୍ସୋ ଆକ୍ଟର ଧାରା ୮ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା।

# ରାଜ୍ୟରେ ଦ୍ରୁତ ଗତିରେ ହ୍ରାସ ପାଉଛି ଜନସଂଖ୍ୟା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶର ସିକ୍କିମ ରାଜ୍ୟର ଜନସଂଖ୍ୟା କମିବାର ଲାଗିଛି। ଏହାକୁ ମୁଖ୍ୟମନ୍ତ୍ରୀ ଚିନ୍ତା ପ୍ରକାଶ ମୁଖ୍ୟମନ୍ତ୍ରୀ ପିଏସ ତମାଙ୍ଗ କରିଛନ୍ତି, ରେକର୍ଡ ଅନୁଯାୟୀ ୧୯୯୮ରୁ ରାଜ୍ୟର ଜନସଂଖ୍ୟା ଜନସଂଖ୍ୟା ଅହେତୁକ କମିବାରେ ଲାଗିଛି। ପ୍ରଜନନ ହାର କମିବା ଆମ ରାଜ୍ୟର ଜନସଂଖ୍ୟା ହ୍ରାସ ପାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଜାତୀୟ ସର୍ବେକ୍ଷେଣ ଅନୁସାରେ ୧୯୯୮-୯୯ରେ ସିକ୍କିମର ପ୍ରଜନନ ହାର ୨.୫ ପ୍ରତିଶତ ରହିଥିବା ବେଳେ ୨୦୦୫-୨୦୦୬ରେ ଏହା ୨.୧ପ୍ରତିଶତକୁ ଖସିଥିଲା ୨୦୧୫-୧୬ରେ ଏହି ହାର ୧.୨ପ୍ରତିଶତରେ ରହିଥିଲା ପୁଣି ୨୦୧୯-୨୦ରେ ଏହା ଖସି ୧.୧ପ୍ରତିଶତରେ ପହଂଚିଛି। ତେବେ ଭିଟ୍ରୋ ଫର୍ଟିଲାଇଜେସନ ଜ୍ଞାନ କୌଶଳ ସାହାର୍ଯ୍ୟ ରେ ଦମ୍ପତ୍ତିମାନଙ୍କୁ ସନ୍ତାନ ଜନ୍ମ କରିବାର ସାହାଯ୍ୟ ମିଳିବ ବୋଲି ମଖ୍ୟମନ୍ତ୍ରୀ ତମାଙ୍ଗ କହିଛନ୍ତି। ଜନ୍ମ କରିବାରେ ସାହାର୍ଯ୍ୟ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ତମାଙ୍ଗ କହିଛନ୍ତି। ପଶ୍ଚିମବଙ୍ଗ ସିଲିଗୁଡି ହେଉଛି ଆଇଭିଏଫର କେନ୍ଦ୍ର ମୁଖ୍ୟମନ୍ତ୍ରୀ ଏହି ଜ୍ଞାନ କୌଶଳ ଆପଣେଇବାକୁ ଅପିଲ୍ କରିଛି, ଯଦ୍ୱାରା ରାଜ୍ୟର ପ୍ରଜନନ ହାର ବୃର୍ଦ୍ଧି ହୋଇ ପାରିବ। ସେ କହିଛନ୍ତି, ରାଜ୍ୟରେ ପ୍ରଜନନ ହାର କମିବାରୁ




ଜନସଂଖ୍ୟା ହ୍ରାସ ଘଟିଛି। କିନ୍ତୁ ଏମିତି ହେଉଛି ତାହା

## ଚିନ୍ତା ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଜଣା ପଡିନାହିଁ। ସେ ଆଶଙ୍କା ପ୍ରକାଶ କରିଛନ୍ତି ଯେ କିଛି କାରଣ ଯୋଗୁଁ ରାଜ୍ୟର ଜନସଂଖ୍ୟା ହ୍ରାସ ପାଉଛି ଯୁବ ବର୍ଗ ନିଜ କ୍ୟାରିୟରକୁ ନେଇ ବିବାହ ନକରିବା, ଖରାପ ଆର୍ଥିକ ସ୍ଥିତି ପତି ଏବଂ ପତ୍ନୀ ନିଜ କ୍ୟାରିୟରକୁ ଆଗକୁ ବଢାଇବା ଆଦି ଜନସଂଖ୍ୟା ହାର କମିବାର କାତଣ ହୋଇପାରେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ସେହି ଲୋକଙ୍କୁ ସବୁ ପ୍ରକାରର ସାହାର୍ଯ୍ୟ କରିବ, ଯିଏ ନିଜ ପରିବାର ବଢାଇବାକୁ ଚାହାନ୍ତି ବାତ୍ସଲ୍ୟ ଅଭିଯାନ ଆଧାରରେ ପ୍ରତ୍ୟେକ ପିଲାଙ୍କ ପାଇଁ ଏକ ସୁସ୍ଥ ଏବଂ ନିରମୟ ଶୈଶବ ସୁନିଶିତ କରାଯିବ। ଏହି ଯୋଜନାକୁ ଆପଣ ଉଥିବା ସରକାରୀ କର୍ମଚାରୀ ତିନି ଲକ୍ଷ ଟଙ୍କା ପାଇବେ ଅଣ ସରକାରୀ ମିହଳାଙ୍କୁ ତିନିଲକ୍ଷ ଟଙ୍କା ଦିଆଯିବ। ପ୍ରତି ବର୍ଷ ଏକ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସୁବିଧା ଯୋଜନାରୁ ଆରମ୍ଭ କରାଯିବ ଭିଆଇଏଫରୁ ଆମ ଜନସଂଖ୍ୟାରେ ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ଆମେ ହ୍ୟାପିନେସ୍ ଇଣ୍ଡେକ୍ସରେ ଆଗକୁ ବଢିବାକୁ ପଦକ୍ଷେପ ନେଉଛୁ ବୋଲି ସିକ୍କିମ ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଶ୍ୱଶୁରଙ୍କର ପ୍ରାଣ ନେଲା ବୋହୂ

**ବାଲେଶ୍ୱର(ସଂପର୍କବାର୍ତ୍ତା):-** ବାଲେଶ୍ୱର ଜିଲ୍ଲାର ରେମୁଣା ଥାନା ଅନ୍ତର୍ଗତ ବଡପାଳ ପଂଚାୟତ କାକବାରରାଇ ଗ୍ରାମରେ ଜଣେ ବୃଦ୍ଧଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିବାର ଖବର ମିଳିଛି। ବୃଦ୍ଧଙ୍କ ମୁଣ୍ଡକୁ ଶାବଳରେ ଭୁଷି ହତ୍ୟା କରାଯାଇଥିବା ଜଣାଯାଇଛି ବୃଦ୍ଧଜଣକ ଗତକାଲି ରାତିରେ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଛି। ବୃଦ୍ଧଙ୍କ ଆଖିରେ ଗଭୀର କ୍ଷତ ହୋଇଛି। ମୃତଦେହକୁ ଦେଖିଲା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି ମୃତକଙ୍କ ପରିବାର ପକ୍ଷରୁ ରେମୁଣା ଥାନାକୁ ଖବର ଦିଆଯିବା ପରେ ପୁଲିସ ଓ ସାଇଣ୍ଟିଫିକ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ମୃତକ ହେଲେ ରଘୁନାଥ ଜେନା ତାଙ୍କର ବୟସ ୭୫ତେବେ ସୂଚନା ଅନୁଯାୟୀ ରଘୁନାଥ ଜେନାଙ୍କ ବଡ ପୁଅ ଓ ବଡ ବୋହୂ ବାହାରେ ରହନ୍ତି। ସାନପୁଅ ଓ ସାନ ବୋହୂ ଗାଁରେ ରହନ୍ତି ଗାଁରେ ସାଧାରଣରେ ଚର୍ଚ୍ଚା ହେଉଛି ଯେ ସାନ ବୋହୁ ଅନୈତିକ



କାର୍ଯ୍ୟକଳାପରେ ଲିପ୍ତ ଥିଲା ଯାହା ସଂପର୍କରେ ଜାଣିବା ପରେ ଶ୍ୱଶୁର ରଘୁନାଥ ଜେନା ଉତକ୍ଷିପ୍ତ ହୋଇଥିଲା ବଡପୁଅକୁ ସବୁ କଥା କହିବେ ବୋଲି ବି ଧମକ ଦେଇଥିଲେ। ଆଜି ବଡପୁଅ ଘରକୁ ଆସିଥାନ୍ତେ କିନ୍ତୁ ତାପୂର୍ବରୁ ସାନ ବୋହୂ ରାତିରେ ଶାବଳରେ ଭୁଷି ହତ୍ୟା କରିଥିବା କୁହାଯାଉଛି।

# ପରିସ୍ରା କରି ବୋତଲରେ ରଖିଥିଲେ ପିଇବା ପାଇଁ ଦେଓଘର ରୋପୱେରେ ଫସିଥିବା ଯାତ୍ରୀ

**ଦେଓଘର(ସଂପର୍କବାର୍ତ୍ତା):-** ତ୍ରିକୁଟ ପର୍ବତ ରୋପୱେ ଦୁର୍ଘଟଣାର ଛାତିଥରା ଦୃଶ୍ୟ ପରେ କିଛି ଅସହଜ କଥା ପଦାକୁ ଆସିଛି। ରୋପୱେ ମଝି ରାସ୍ତାରେ ଫସିଥିବା ସମୟରେ ତିନି ଜଣଙ୍କ ମୃତ୍ୟୁ ହୋଇଛି। ଜୀବନ୍ତ ଉଦ୍ଧାର ହୋଇଥିବା ଲୋକେ ପ୍ରକୃତିସ୍ଥ ପରେ ବଖାଣିଛନ୍ତି ତାଙ୍କ ଅନୁଭୂତି। ମଝି ଆକାଶରେ ଫସିଥିବା ବେଳେ ପିଇବା ପାଇଁ ପରିସ୍ରା ଆଶ୍ରା କରିବାକୁ ପଡିଥିବା ବୋଲି କହିଛନ୍ତି ଜଣେ ବ୍ୟକ୍ତି। ୪୫ଘଣ୍ଟାର ଉଦ୍ଧାର କାର୍ଯ୍ୟରେ ପ୍ରାୟ ସମସ୍ତଙ୍କର ବଂଚିବାର ଆଶା ହ୍ରାସ ପାଉଥିଲା କିନ୍ତୁ ଆଶା ମରିନଥିଲା ଏହି ସମୟରେ ପିଇବା ପାଣିର ଅଭାବ ହେବା ମନେକରି କିଛି ଲୋକ ପାକରେ ଥିବାବୋତଲରେ ପରିସ୍ରା କରିବାକୁ ବାଧ ହୋଇଥିଲେ। ଯଦି ପାଣିର ଆବଶ୍ୟକତା ପଡେ ତେବେ ନିଜ ପରିସ୍ରା ବଞ୍ଚିବାକୁ ପଡିବ ବୋଲି ବିନୟ କୁମାର ଦାସ ନାମକ ଯୁବକ ମନସ୍ଥ କରିଥିଲେ। ତେଣୁ ସେ ଏକ ବୋତଲରେ ପରିସ୍ରା କରି ରଖିଥିଲେ। ଆଉ ଜଣେ କିଶୋରୀ ଯାତ୍ରୀ କହିଛନ୍ତି, ଆମେ ଫସିଥିବା ସମୟରେ ଅନେକ ମଜା କରିଥିଲୁ। ରାତିରେ ଖାଦ୍ୟ





ଖାଇଥିବା ବେଳେ ତା' ପରଦିନ ସକାଳ ୧୧.୩୦ରେ ଆମେ ପାଣି ପିଇବାକୁ ଆଉ ଜଣେ କିଶୋର ଯାତ୍ରୀ କହିଛନ୍ତି, ଆମେ ଫସିଥିବା ସମୟରେ ଅନେକ ମଜା ମଧ କରିଥିଲୁ। ରାତିରେ ଖାଦ୍ୟ ଖାଇଥିବା ବେଳେ ତା ପରିଦିନ ସକାଳ ୧୧.୩୦ଆମେ ପାଣି ପିଇବାକୁ ପାଇଥିଲୁ।

# ଭୁବନେଶ୍ୱରର ୭୪ତମ ଜନ୍ମ ଦିବସ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜଧାନୀ ଭୁବନେଶ୍ୱରକୁ ଏକ ସମୃଦ୍ଧ ଓ ବିକଶିତ ନଗରୀରେ ପରିଣତ କରିବା ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ହାତକୁ ନିଆଯିବା ଆବଶ୍ୟକ। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁସବୁ ପଦକ୍ଷେପ ନିଆଯାଉଛି ତାହାକୁ ଶୃଙ୍ଖଳିତ ଭାବରେ କାର୍ଯ୍ୟକାରୀ କରିବାକୁ ସମ୍ମିଳିତ ପ୍ରଚେଷ୍ଟାର ଜରୁରୀ ଆବଶ୍ୟକତା ରହିଛି ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ରାଜଧାନୀ ନଗରୀ ରୂପେ ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରଦାନ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି।

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ, ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ଉତ୍ସବରେ ବକ୍ତାମାନେ ରାଜଧାନୀ ଭୁବନେଶ୍ୱରକୁ ସବୁଜସୁନ୍ଦର ତଥା ସ୍ୱାସ୍ଥ୍ୟପ୍ରଦ ନଗରୀରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଉପଲକ୍ଷେ ଓଡ଼ିଶା ବିଧାନସଭା ସମ୍ମୁଖସ୍ଥ ରାଜଧାନୀ ଶିଳାନ୍ୟାସ ଫଳକ ଠାରେ ଏକ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡ୍ ଓ ମାର୍ଚ୍ଚପାଷ୍ଟ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ପାତ୍ର ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ପତାକା ଉତ୍ତୋଳନ କରିବା ସହ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ।



ଏହି ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ, ପ୍ରଶସ୍ତିକରଣ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁରେଶ କୁମାର ରାଉତରାୟ, ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାଶ ଓ ଡେପୁଟି ମେୟର ମଞ୍ଜୁଲତା କହଁର, ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜଧାନୀ ସ୍ଥାପନର ଅତୀତ ଘଟଣାବଳୀ ସଂପର୍କରେ ଉଲ୍ଲେଖ କରିବା ସଂଗେ ସଂଗେ ଏହାର ମୁଖ୍ୟ ପୁରୋଧା ଡ. ହରେକୃଷ୍ଣ ମହତାବଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ଭାବେ ରାଜଧାନୀ ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ବିନୟ ଦାସ ଓ ଲକ୍ଷ୍ମୀକାନ୍ତ ସେଠୀ, ସୂଚନା ଓ ଲୋକସଂପର୍କ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶନୀ, ଜିଲ୍ଲା ସୂଚନା ଅଧିକାରୀ ପଠାଣି ରାଉତ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଭୁବନେଶ୍ୱର ଶିକ୍ଷା ଜିଲ୍ଲା ଅଧିକାରୀ ପ୍ରଜ୍ଞା ଜେନା, କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ନାୟକଙ୍କ ସମେତ ରାଜଧାନୀର ବିଭିନ୍ନ ସ୍କୁଲ ଓ କଲେଜର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ।

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କମିଟିର ସାଧାରଣ ସଂପାଦକ ସାମ୍ବାଦିକ ସନତ ମିଶ୍ର ସ୍ୱାଗତ ଭାଷଣ ଦେଇ ଭୁବନେଶ୍ୱରକୁ ଜିଲ୍ଲା ଭାବେ ପରିଣତ କରିବା ପାଇଁ ଦାବି କରିବା ସହିତ ବିଧାନସଭାର ପାଚେରୀରେ ଦୀର୍ଘ ୩୪ବର୍ଷ ଧରି ଲାଗିଥିବା ଶିଳାନ୍ୟାସ ଫଳକକୁ ଅଲଗା କରି ତା'ର ସୌନ୍ଦର୍ଯ୍ୟକରଣ କରିବାକୁ ଦାବି କରିଥିଲେ। କମିଟିର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୦୨୩ ବର୍ଷ ଠାରୁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସରକାରୀ ସ୍ତରରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାର ପରିଚାଳନାରେ କମିଟି ସରକାରଙ୍କୁ ସବୁପ୍ରକାର ସହଯୋଗ କରିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ ୧୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ରାଜଧାନୀ ଗୌରବ ସମ୍ମାନ-୨୦୨୨' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ କୋଭିଡ୍ ଯୋଦ୍ଧା ଭାବେ ଡ. ସଂଘମିତ୍ରା ପତି ଓ ଶୁଭେନ୍ଦୁ ସାହୁ, ବିଶିଷ୍ଟ ଶିଳ୍ପପତି ପଙ୍କଜଲୋଚନ ମହାନ୍ତି, ବୈଜ୍ଞାନିକ ଡ. ଅଜୟ ପରିଡ଼ା, ହକି ଖେଳାଳୀ ଦୀପ୍ ଗ୍ରେସ୍ ଏକ୍କା, ଆଇନଜୀବୀ ଡ. ମଧୁମାଧବ ଜେନା, ଚିକିତ୍ସକ ଡା. ଅଶୋକ ନନ୍ଦ, ବିଶିଷ୍ଟ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ, ସମାଜସେବୀ ନୀଳମଣି ମିଶ୍ର, ଟ୍ରାଫିକ୍ କନଷ୍ଟେବଲ ଶେଷଦେବ ସାହୁ, ନର୍ସ ଶ୍ରୀମତୀ ହାରାମଣୀ ଦାଶ, ପୋଷ୍ଟମ୍ୟାନ୍ ବିପ୍ଳବ ରଂଜନ ମଲ୍ଲିକ ଓ ସୁଇପର ଶ୍ରୀମତୀ ସୁଷମା ଦେଇ।

ରାଜଧାନୀ ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ବେସାମରିକ ପ୍ୟାରେଡରେ ଭୁବନେଶ୍ୱରର ୭୩ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଓଏସଏପି ସପ୍ତମ ବାଟାଲିୟନର ପୋଲିସ ବ୍ୟାଣ୍ଡ ଦଳ, ସିଆରପିଏଫ୍‌ର ପୋଲିସ ବ୍ୟାଣ୍ଡ ଦଳ , ସୈନିକ ସ୍କୁଲ,ଓଡ଼ିଶା ସ୍କେଟିଂ ଏକାଡେମୀ ଏବଂ ମହର୍ଷି କଲେଜର ଡେୟାରଡେଭିଲ୍ ଟିମ୍‌ର ପିଲାମାନେ ଭାଗ ନେଇଥିଲେ। ଏହି ପ୍ୟାରେଡ୍‌କୁ ଶ୍ରୀମତୀ ସୁଷମା ମହାନ୍ତି ପରିଚାଳନା କରିଥିବା ବେଳେ ସେଣ୍ଟ ଯୋଶେଫ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ହରପ୍ରିୟା ଦାସ, ଡିଏଭି ପବ୍ଲିକ ସ୍କୁଲ ୟୁନିଟ୍ -୮ର ସହକାରୀ ଶିକ୍ଷୟିତ୍ରୀ ପ୍ରତିମା ମହାପାତ୍ର ଏବଂ ୟୁନିଟ୍ ୩ ସତ୍ୟସାଇ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ପ୍ରତିଭା କୁମାରୀ ଉଦୟସିଂ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ୟାରେଡ ପ୍ରତିଯୋଗିତାରେ କଲେଜସ୍ତରରେ ଡିଏଭି ପବ୍ଲିକ ସ୍କୁଲ ୟୁନିଟ୍-୮ ପ୍ରଥମ, ମହର୍ଷି କଲେଜ୍ ଅଫ ନେଚୁରାଲ ଲ' କଲେଜ ଦ୍ୱିତୀୟ, ବିଜେବି ସ୍ୱୟଂଶାସିତ କଲେଜ୍ ତୃତୀୟ, ହାଇସ୍କୁଲ ବାଳିକା ସ୍ତରରେ ୟୁନିଟ୍ ୨ କ୍ୟାପିଟାଲ ଗାର୍ଲସ୍ ହାଇସ୍କୁଲ ପ୍ରଥମ, ୟୁନିଟ୍ ୯ ସରକାରୀ ବାଳିକା ହାଇସ୍କୁଲ ଦ୍ୱିତୀୟ, ୟୁନିଟ୍ ୬ ସରକାରୀ ବାଳିକା ହାଇସ୍କୁଲ ଓ ୟୁନିଟ୍ ୧ ସରକାରୀ ବାଳିକା ହାଇସ୍କୁଲ ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ହାଇସ୍କୁଲ ବାଳକ ସ୍ତରରେ ୟୁନିଟ୍ ୩ କ୍ୟାପିଟାଲ୍ ହାଇସ୍କୁଲ ପ୍ରଥମ, ୟୁନିଟ୍ ୯ ବାଳକ ହାଇସ୍କୁଲ ଦ୍ୱିତୀୟ, ଏମ୍‌ପିଏଲ୍ ସରକାରୀ ହାଇସ୍କୁଲ, ବରମୁଣ୍ଡା ଓ ଆଇଆରସି ଭିଲେଜ୍ ସରକାରୀ ବାଳକ ହାଇସ୍କୁଲ ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ପବ୍ଲିକ ସ୍କୁଲ ସ୍ତରରେ ସୈନିକ ସ୍କୁଲ ପ୍ରଥମ, ଖଣ୍ଡଗିରି ଶିବାନନ୍ଦ ସେଣ୍ଟିନାରୀ ବାଳକ ହାଇସ୍କୁଲ ଦ୍ୱିତୀୟ ଏବଂ ସିଭିଲ ଡିଫେନ୍ସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ଦାସ, ଗୌରଚନ୍ଦ୍ର ମହାପାତ୍ର, ମନୋଜ ମହାନ୍ତି, ପ୍ରଭାସ ରଂଜନ ଦାସ, ସୁଧାଂଶୁ ଶେଖର ମହାନ୍ତି, ଧୀରେନ୍ଦ୍ର କୁମାର ଦାସ ଓ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଗୋଇଠା ମାଡରେ ଗର୍ଭନଷ୍ଟ, ୩ ଗିରଫ

**ବାରିପଦା(ସଂପର୍କବାର୍ତ୍ତା):-** ଭଡା ଘରେ ରହୁଥିବା ଜଣେ ମହିଳାଙ୍କ ୧୪ ମାସର ପୁଅ ପାଟି କରିବାରୁ ଘର ମାଲିକ ଓ ତାଙ୍କ ପରିବାର ଏବଂ ଅନ୍ୟ ଜଣେ ଭଡାଟିଆ ମହିଳା ମଣିଷପଣିଆ ଭୁଲିଗଲେ। ପୁଅକୁ ମାଡ ମାରିଲେ। ଆଉ ମା'କୁ ବିଧା ଗୋଇଠା ମାରିବା ସହ ଲୁହା ରଡରେ ବି ପିଟିଲେ। ଏଥିରେ ମହିଳାଙ୍କ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କୁ ବାରିପଦାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ମାଡରେ ମହିଳାଙ୍କ ୨ ମାସର ଗର୍ଭ ନଷ୍ଟ ହୋଇଯାଇଥିବା ବେଳେ ଘଟଣାକୁ ବାରିପଦା ଟାଉନ୍ ପୋଲିସ୍ ଗୁରୁତର ସହ ନେଇ ୩ ଜଣଙ୍କୁ ବାନ୍ଧି କୋର୍ଟ ଚାଲାଣ କରିଛି।



ବନ୍ଧା ହୋଇଥିବା ୩ ଜଣଙ୍କ ମଧରେ ଅଛନ୍ତି ଘର ମାଲିକ ସତ୍ୟବ୍ରତ ବେହେରା, ତାଙ୍କ ପତ୍ନୀ ମିନତୀ ବେହେରା ଓ ତାଙ୍କ ଘରେ ଭଡାରେ ରହୁଥିବା ରୀତାରାଣି ଭଞ୍ଜ। ତେବେ ରୀତାରାଣିଙ୍କ ପୁଅ ଲକି ଫେରାର୍ ଥିବାବେଳେ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ବାରିପଦା ଟାଉନ ଥାନାଧିକାରୀ ବୀରେନ୍ଦ୍ର କୁମାର ସେନାପତି କହିଛନ୍ତି। ଅଭିଯୋଗ ଅନୁଯାୟୀ ବୈଶିଙ୍ଗା ଥାନା ଅଞ୍ଚଳର ପ୍ରଦୀପ କୁମାର ପତି ଡ୍ରାଇଭର ଭାବେ କାମ କରନ୍ତି। ସେ ୭ ମାସ ପୂର୍ବେ ପତ୍ନୀ ଭାରତୀ ପଣ୍ଡା ଓ ପୁଅକୁ ଆଣି ବାରିପଦା ସହର ୧ ନମ୍ବର ୱାର୍ଡ ବେଲଗଡିଆସାହିରେ ସତ୍ୟବ୍ରତ ବେହେରାଙ୍କ ଘରେ ଭଡାରେ ରହୁଥିଲେ। ଗତ ୧୧ ତାରିଖ ଦିନ ତାଙ୍କ ପୁଅର ବଡ ପାଟିରେ କଥା ହେବାକୁ ନେଇ ଅଭିଯୁକ୍ତମାନେ ଏହି ଅମାନବୀୟ କାଣ୍ଡ ଘଟାଇଥିଲେ।

# ପୃଥିବୀରେ ମହାମାରୀ ସୃଷ୍ଟି କରିପାରେ କରୋନା:WHO

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଚିନ୍‌ରେ କରୋନା ସ୍ଥିତି ଚିନ୍ତାଜନକ ଥିବା ବେଳେ ଅନେକ ସହରରେ ଲକ୍‌ଡାଉନ୍ ଲଗାଯାଇଛି। ଭାରତର ରାଜଧାନୀ ଦିଲ୍ଲୀ ସମେତ କେତେକ ସ୍ଥାନରେ ପୁଣି ଥରେ କରୋନା ମାମଲା ବଢିବା ଆରମ୍ଭ କରିଦେଇଛି। ଏହି ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କରୋନାକୁ ନେଇ ନୂଆ ଚେତାବନୀ ଜାରି କରିଛି। ଏହି ରୋଗ ବର୍ତ୍ତମାନ ସମୟରେ ଏହା ଦୁନିଆରେ ଏକ ବଡ ମହାମାରୀ ସୃଷ୍ଟି କରିପାରେ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି।

ଡବ୍ଲ୍ୟୁଏଚ୍‌ଓର ଜରୁରୀକାଳୀନ ନିର୍ଦ୍ଦେଶକ ମାଇିକେଲ୍ ରିୟାନ୍ କହିଛନ୍ତି ଯେ, କରୋନା ଏକ କ୍ଷଣସ୍ଥାୟୀ ରୋଗ ହେବା ଠାରୁ ବହୁ ଦୂରରେ ଅଛି ଓ ବର୍ତ୍ତମାନ ସମୟରେ ଏହା ଦୁନିଆରେ ଏକ ବଡ ମହାମାରୀ ସୃଷ୍ଟି କରିପାରେ। ଏହା ମନେ କରିବା ଭୁଲ ହେବ କି ଯଦି କୋଭିଡ୍-୧୯ ଶେଷ ହୋଇଯାଏ ଓ ଏଣ୍ଡେମିକ୍ ହୋଇଯିବ।

ସେ କହିଛନ୍ତି ଯେ, ମୋତେ ନିଶ୍ଚିତ ଭାବେ ଏହି କଥା ଉପରେ ଭରସା ନାହିଁ କି ଏହି ଭୂତାଣୁ ଏକ ଶେଷ ସ୍ଥିତିରେ ପ୍ରାୟ ପହଞ୍ଚିସାରିଛି। ବର୍ତ୍ତମାନ କରୋନା ଏପରି ହୋଇନାହିଁ ଯେ ଏହା ଏକ ବିଶେଷ ପାଣିପାଗରେ ବ୍ୟାପିବ। ଏହା କୌଣସି ପ୍ରକାରର ପାଣିପାଗ ପ୍ୟାଟର୍ଣ୍ଣ ବା ଟ୍ରାନ୍ସମିଶନ ପାଟର୍ଣ୍ଣରେ ପରିବର୍ତ୍ତିତ ହୋଇନାହିଁ। ଏହି ଭୂତାଣୁ ବହୁତ ଅସ୍ଥିର ଅଛି ଓ ବହୁତ ବଡ ମହାମାରୀ ସୃଷ୍ଟି କରିବାରେ ସକ୍ଷମ।

ସୂଚନା ଅନୁସାରେ କୌଣସି ରୋଗ




ସେତେବେଳେ ଏଣ୍ଡେମିକ୍ ହୋଇଥାଏ ଯେତେବେଳେ ଦୁନିଆର ଜନସଂଖ୍ୟାରେ ଏହାର ପରିସ୍ଥିତି ଓ ସାମାନ୍ୟ ପ୍ରଚଳନ ଜାରି ରହିଥାଏ। କିନ୍ତୁ ଏହା ମହାମାରୀ ଅପେକ୍ଷା ବହୁତ ସୀମିତ ରହିଥାଏ। କୌଣସି ରୋଗର ପ୍ରକୋପ କ୍ଷଣସ୍ଥାୟୀ ସେତେବେଳେ ହୋଇଥାଏ ଯେତେବେଳେ ଏହାର ଉପସ୍ଥିତି ଲଗାତର ରହିଥାଏ କିନ୍ତୁ ଏହା ବିଶେଷ ଅଞ୍ଚଳ ବା କ୍ଷେତ୍ର ମଧରେ ସୀମିତ ରହିଥାଏ।

# ଏସଭିଏମ କଲେଜର ୧୯୯୩ମସିହା ବ୍ୟାଚ ଛାତ୍ର ଛାତ୍ରୀଙ୍କ ବନ୍ଧୁ ମିଳନ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସଭିଏମ କଲେଜ ୧୯୯୩ ବ୍ୟାଚ ଛାତ୍ରଛାତ୍ରୀମାନଙ୍କର ଏକ ବଂଧୁମିଳନ କାର୍ଯ୍ୟକ୍ରମ ଯୋଗଧାରୀ ସ୍ଥିତ ସର୍କଟ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧାପକ ତପନ ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହି ବ୍ୟାଚର ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତୀ ବେହେରା,ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସାଧାରଣ ପ୍ରଶାସନ ବିଭାଗର ବରିଷ୍ଠ ଅଧିକାରୀ ବିରଞ୍ଚ ଆଚାର୍ଯ୍ୟ, ସୁପ୍ରତିଷ୍ଠିତ କଣ୍ଠଶିଳ୍ପୀ ରୁଦ୍ର ମହାନ୍ତି,ପ୍ରତାପ ମିଶ୍ର, ମଧୁସ୍ମିତା ମହାନ୍ତି, ତନୁଶ୍ରୀ ମିଶ୍ର ପ୍ରମୁଖ ୮୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଦୀର୍ଘ ବର୍ଷ ବ୍ୟବଧାନ ପରେ ଏକାଠି ହେବାର ସୁଯୋଗ ମିଳିଥିବାରୁ ସମସ୍ତେ କଲେଜ ଦିନର ସ୍ମୃତି ମନେ ପକାଇଥିଲେ । ଏହି ଅବସରରେ କବିତା ଆବୃତି,କମେଡି ଓ ସଙ୍ଗୀତ ପରିବେଷଣ କରିଥିଲେ ବ୍ୟାଚର ଛାତ୍ରଛାତ୍ରୀ । ଆଗାମୀ ଦିନରେ କିଛି ସାମାଜିକ କାର୍ଯ୍ୟ କରିବା ପାଇଁ ଏହି ବଂଧୁମିଳନ ଅବସରରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

# ‘ନବୀନ’ ସମ୍ବାଦପତ୍ର ପ୍ରେରଣାଦାୟକ: ଡ଼ା. ସାହୁ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ସାପ୍ତାହିକ ସମ୍ବାଦପତ୍ର ‘ନବୀନ’ର ଇତିହାସ ଖୁବ୍ ପ୍ରେରଣାଦାୟକ। ଓଡ଼ିଆ ଭାଷା-ସାହିତ୍ୟର ପ୍ରଗ୍ରର ପ୍ରସାର ଦିଗରେ ‘ନବୀନ’ର ଭୂମିକା ଅବିସ୍ମରଣୀୟ ବୋଲି ବିଶିଷ୍ଟ ସମାଜସେବୀ ତଥା ଭେଷଜବିତ ଡ଼ା. ପି.ସି. ସାହୁ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ନବୀନ ଭବନ ପରିସରରେ ଆୟୋଜିତ ନବୀନର ୨୪ତମ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଡ଼ା. ସାହୁ କହିଲେ ଯେ ଦକ୍ଷିଣ ଓଡ଼ିଶାରେ ନବୀନର ବିଷୁବ ମିଳନ ପରମ୍ପରା ଖୁବ୍ ନିଆରା ଏବଂ ୧୯୯୯ ମସିହାରୁ ଏହି କାଯର୍ୟକ୍ରମ ଧାରାବାହିକ ଭାବେ ଆୟୋଜନ କରାଯାଇ ଆସୁଥିବାରୁ ସାହିତ୍ୟିକମାନଙ୍କୁ ଏହା ଉତ୍ସାହିତ କରିପାରୁଛି।

ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାଯର୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ। କାବ୍ୟ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହ ନବୀନ ବହୁ କବି ଲେଖକଙ୍କୁ ସୃଷ୍ଟି କରିପାରିଛି ବୋଲି କହିଥିଲେ। ନବୀନର ସଭାପତି ଶ୍ରୀ ରଥ କହିଥିଲେ ଯେ ନୂତନ କବି, ସାହିତ୍ୟିକମାନଙ୍କୁ ନବୀନ ସବୁ ସମୟରେ ଉତ୍ସାହିତ କରିବାର ପ୍ରୟାସ ଜାରି ରଖିଛି।



ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସାମ୍ୟବାଦୀ କବି ଶୋଭାଚନ୍ଦ୍ର ଷଡ଼ଙ୍ଗୀ, ମଞ୍ଚ ଉପସ୍ଥାପିକା ବନ୍ଦନା ମିଶ୍ର ଓ ଯୁବକବି କ୍ଷୀରୋଦ କୁମାର ସେଠୀଙ୍କୁ ମୁଖ୍ୟଅତିଥି ପ୍ରଫେସର ସାହୁ ନବୀନ ବିଷୁବ ସମ୍ମାନ-୨୦୨୨ରେ ସମ୍ମାନିତ କରିଥିଲେ ।

ସ୍ୱାଗତ ସମିତି ଅଧକ୍ଷ ପ୍ରଫେସର ଡ଼ମ୍ବରୁଧର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଥମ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରତିଷ୍ଠାନର କାଯର୍ୟକାରୀ ସଭାପତି ବରିଷ୍ଠ ସାହିତ୍ୟିକ କୃଷ୍ଣଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ପ୍ରମୋଦ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଚିନ୍ମୟ ରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ବହୁ କବି କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାଯର୍ୟକ୍ରମ ପରିଚ୍ଛଳନାରେ ନବୀନର ପ୍ରକାଶିକା ମଞ୍ଜୁ ରଥ, ବନ୍ଦନା ମହାପାତ୍ର, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଇଂ. ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବି. ସତ୍ୟମ୍ ଆଗ୍ରରୀ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ କବି ଓ କବୟିତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ ପ୍ରମୁଖ ଏହି କାଯର୍ୟକ୍ରମରେ ଯୋଗ ଦେଇଥିଲେ।

# ରୁଷିଆର ଯୁଦ୍ଧ ଜାହାଜ ‘ମୋସ୍କଭା’କୁ ଧ୍ୱଂସବିଧ୍ୱସ୍ତ କଲା ୟୁକ୍ରେନ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରୁଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ୫୦ ଦିନରେ ପହଞ୍ଚିଛି। ଏହାରି ଭିତରେ ରୁଷକୁ ଲାଗିଛି ବଡ ଝଟକା। ପୂର୍ବ ୟୁକ୍ରେନ୍‌ରେ ଏବେ ରୁଷ୍ ସୈନିକ ଗୋଟିଏ ପରେ ଗୋଟିଏ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଉଛନ୍ତି। ମାରିୟୁପୋଲର ୯୦ ପ୍ରତିଶତ ଅଞ୍ଚଳ ରୁଷ୍ ସେନା ଦଖଲରେ ରହିଛି। ଅନ୍ୟପକ୍ଷରେ ରୁଷ୍ ମଧ ଆଜି ଏକ ବଡ କ୍ଷତି ସହିଛି। କୃଷ୍ଣ ସାଗରରେ ଯୁଦ୍ଧର ଅଗ୍ରଣୀ ଭୂମିକା ନେଉଥିବା ରୁଷ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ଜାହାଜ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି।

ୟୁକ୍ରେନ୍ ଦାବି କରିଛି ଯେ ଏହା ଏହି ଯୁଦ୍ଧ ଜାହାଜକୁ ନ୍ୟାପଚ୍ୟୁନ୍ କ୍ଷେପଣାସ୍ତ୍ର ବ୍ୟବହାର କରି ନିଆଁରେ ପରିଣତ କରିଛି। କିନ୍ତୁ ରୁଷିଆ ଦାବି କରିଛି ଯେ, ଘାତକ କ୍ଷେପଣାସ୍ତ୍ର ସହିତ ସଜ୍ଜିତ ଏହି ଯୁଦ୍ଧ ଜାହାଜର ଗୁଳିରେ ଅଗ୍ନିକାଣ୍ଡ ହେତୁ ଏହା ବିସ୍ଫୋରଣ ହୋଇଥିଲା ଏବଂ ସମୟକ୍ରମେ ଏହା ଯୁଦ୍ଧ ଜାହାଜରୁ ସମସ୍ତ ସାମୁଦ୍ରିକ ସାମଗ୍ରୀ ବାହାର କରି ଦେଇଥିଲା।

ବାସ୍ତବରେ, ଯେତେବେଳେ ଫେବୃୟାରୀରେ ଯୁଦ୍ଧ ଆରମ୍ଭ ହୋଇଥିଲା ମେକ୍ସିକୋରୁ ସ୍ନେକ ଆଇଲାଣ୍ଡରୁ ଅନେକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ସେବେଠାରୁ ଏହି ଯୁଦ୍ଧ ଜାହାଜ ୟୁକ୍ରେନ୍‌ର ଟାର୍ଗେଟ୍‌ରେ ଥିଲା। ଏହି ଯୁଦ୍ଧ ଜାହାଜକୁ ଟାର୍ଗେଟ୍ କରିବା ପାଇଁ ୟୁକ୍ରେନ ମେକ୍ସିକୋ ରାଡାର ସିଷ୍ଟମ୍ ପ୍ରତି ବିଶ୍ୱାସଘାତକତା କରିଛି ବୋଲି ଦାବି କରାଯାଇଛି। ଏଥି ପାଇଁ ତୁର୍କୀର ବାଇରାକ୍ଟର ଡ୍ରୋନ୍ ବ୍ୟବହାର କରାଯାଇ ଏହାର ସୁଯୋଗ ଦେଖି ୟୁକ୍ରେନ୍ ସୈନ୍ୟବାହିନୀ ଓଡେସାରେ ଲୁଚି ରହିଲେ ଏବଂ ୨ ନ୍ୟାପଚ୍ୟୁନ୍ କ୍ଷେପଣାସ୍ତ୍ର ସହିତ ଏହାର କାର୍ଯ୍ୟ ସମାପ୍ତ କରିଥିଲେ।



ଅପରପକ୍ଷରେ, ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ ଯୁଦ୍ଧ ଜାହାଜ କ୍ଷତିଗ୍ରସ୍ତ ହୋଇଥିବା ଘଟଣାକୁ ସ୍ୱୀକାର କରିଛି। ଯୁଦ୍ଧ ଜାହାଜରେ ନିଆଁ ଲାଗି ବିସ୍ଫୋରଣ ଘଟିଥିବା ଜଣାପଡିଛି। ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଯୁଦ୍ଧ ଜାହାଜ କ୍ଷତିଗ୍ରସ୍ତ ହୋଇଛି କିନ୍ତୁ ଯୁଦ୍ଧ ଜାହାଜରେ ଥିବା ସମସ୍ତ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ନିଆଁ ଲାଗିବାରୁ ଗୋଳାବାରୁଦ ବିସ୍ଫୋରଣ ଯୋଗୁଁ କ୍ଷୟକ୍ଷତି ହୋଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦୋମିର ଜେଲେନସ୍କିଙ୍କ ପରାମର୍ଶଦାତା ଓଲେସ୍କି ଅରେସ୍ତୋଭିଚ କହିଛନ୍ତି, ରୁଷିଆର ଯୁଦ୍ଧ ଜାହାଜକୁ ୟୁକ୍ରେନ୍ ଧ୍ୱଂସ କରିବା ରୁଷିଆ ପାଇଁ ଏକ ବଡ କଥା। ରୁଷିୟ ପ୍ରତିରକ୍ଷା ମନ୍ତ୍ରଣାଳୟର ବୟାନକୁ ଆଧାର କରି ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି । ସେଥିରେ ଉଲ୍ଲେଖ ଅଛି ଯେ, ଏହି ବିସ୍ଫୋରଣ ଓ ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତଦନ୍ତ କରାଯାଉଥିବା ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି । ଏହି ଯୁଦ୍ଧ ଜାହାଜରେ ୫୧୦ଜଣ କର୍ମଚାରୀ ଥିବା ଜଣାପଡିଛି । ତେବେ ରୁଷିଆ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଏହି ଯୁଦ୍ଧଜାହାଜରେ ଥିବା ଗୋଳାବାରୁଦ ମଧ ବିସ୍ଫୋରଣ ହୋଇ ନଷ୍ଟ ହୋଇଯାଇଛି।

ମ୍ୟାକ୍ସର ଟେକ୍ନୋଲୋଜି ଦ୍ୱାରା ପ୍ରକାଶିତ ସାଟେଲାଇଟ୍ ଫଟୋର ଟେକ୍ନୋଲୋଜି ଦ୍ୱାରା ପ୍ରକାଶିତ ସାଟେଲାଇଟ୍ ଫଟୋରେ ୭ରୁ ୧୦ ଏପ୍ରିଲ ପର୍ଯ୍ୟନ୍ତ ସେଭଅସ୍ତୋପୋଲରେ ମୋସ୍କବା ନିୟୋଜନ ଦେଖାଯାଇଥିଲା। ଯାହା ଯୁଦ୍ଧର ୫୦ତମ ଦିନରେ ୟୁକ୍ରେନ୍ ରୁଷ ଧ୍ୱଂସ କରିଦେଇଥିଲା। ଯାହାକି ପୁଣି ଥରେ କଳିଯୁଗରେ ଏକ ବଡ ଆକ୍ରମଣର ଆଶଙ୍କା ସୃଷ୍ଟି କରିଛି। କଳା ସାଗରରେ ଅବସ୍ଥିତ ମୋସ୍କବା ଯୁଦ୍ଧ ଜାହାଜ ଧ୍ୱଂସ ହେବା ପରେ କଳିଯୁଗରେ ଏହି ଆକ୍ରମଣର ସାଇରନ୍ ଶୁଣାଯାଇ ଥିବାର କୁହାଯାଉଛି। ଯାହା ସୂଚିତ କରେ ଯେ, ୟୁକ୍ରେନ୍ ମଧ ଅନୁଭବ କରୁଛି ଯେ, ରୁଷ ଖୁବ ଶୀଘ୍ର ଏହି ଆକ୍ରମଣର ଜବାବ ଦେବ। ମୋଟ ଉପରେ ରୁଷ-ୟୁକ୍ରେନ୍ ଯୁଦ୍ଧ ଆଗାମୀ ଦିନରେ ପୂର୍ବ ଅପେକ୍ଷା ଅନେକ ଗୁଣ ଅଧିକ ହୋଇପାରେ।

- ଏହାର ଲମ୍ବ ୬୦୦ ଫୁଟ୍।
- ଯୁଦ୍ଧ ଜାହାଜର ଓଜଲ ହେଉଛି ୧୨୫୦୦ ଟନ୍।
- ୧୯୭୯ରେ ସେନାରେ ଯୋଗ ଦେଇଥିଲା।
- ଏଥିରେ ୫୦୦ ସୈନିକ ରହିଥାନ୍ତି।
- ଏଥିରେ ଏସ୍-୩୦୦ କ୍ଷେପଣାସ୍ତ୍ର ପ୍ରଣାଳୀ ନିୟୋଜିତ।

# ସୌମ୍ୟ ଖାଇବେ କି କ୍ଷମତା ଲଡୁ ?

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଜେଡି ସରକାର ପଞ୍ଚମ ଇଂନିସର ତୃତୀୟ ବର୍ଷ ଚାଲିଛି। ଚଳିତ ବର୍ଷ ପଞ୍ଚାୟତ ନିର୍ବାଚନ, ପୌର ନିର୍ବାଚନରେ ବିଜେଡିକୁ ବଡ ସଫଳତା ମିଳିବା ପରେ ନବୀନଙ୍କ ମନ୍ତ୍ରୀମଣ୍ଡଳର ରୂପରେଖ ବଦଳିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ୨୨ ବର୍ଷ ଶାସନରେ ନବୀନ ପ୍ରତି ଥର ମନ୍ତ୍ରୀମଣ୍ଡଳରେ ପରିବର୍ତ୍ତନ କରିଛନ୍ତି। ପଞ୍ଚମ ପାଳିରେ କୋଭିଡ୍ ସଂକ୍ରମଣ ଥିଲା, ବୋଧ ହୁଏ ମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ମାପିବାରେ ବିଳମ୍ବ ହୋଇଛି। ଏଥର କୋଭିଡ୍ କଟକଣା ହଟିଥିବାରୁ ଦଳର ସୁପ୍ରିମୋ ମନ୍ତ୍ରୀମଣ୍ଡଳର ଅଦଳବଦଳ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଚଳିତ ଥର ଅନେକ ମନ୍ତ୍ରୀ ବିବାଦୀୟ ହୋଇପଡିଥିବା ସତ୍ତ୍ୱେ ନବୀନ ନିରବତା ଅବଲମ୍ବନ କରିଛନ୍ତି। ୨୦୨୨ର ପ୍ରଥମାର୍ଦ୍ଧରେ ଦୁଇ ଦୁଇଟି ନିର୍ବାଚନ ଅତିକ୍ରମ କରିଛି ଦଳ। ପଞ୍ଚାୟତ ଓ ପୌର ନିର୍ବାଚନରେ କିଛି ମନ୍ତ୍ରୀଙ୍କ ଦକ୍ଷତା ଏବଂ ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଛି। ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ମାପିବା ପାଇଁ ସୁଯୋଗ ମିଳିଛି ବୋଲି ଅନୁମାନ କରାଯାଉଛି। ସେପଟେ ୨୦୨୪ରେ ସାଧାରଣ ନିର୍ବାଚନ ଆସୁଥିବାରୁ ମନ୍ତ୍ରୀ ମଣ୍ଡଳ ଅଦଳବଦଳ ନେଇ ଦୃଢ ବିଶ୍ୱାସ କରାଯାଉଛି। କିନ୍ତୁ ଏଥି ମଧ୍ୟରେ ମନ୍ତ୍ରୀ ପାଇଁ ଆଶାୟୀ ନେତାଙ୍କ ମଧ୍ୟରେ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ନାଁ ଜୋର୍‌ରେ ଚର୍ଚ୍ଚା ହେଉଛି। କୁହାଯାଉଛି ନିରାଶ ହୋଇଥିବା ସୌମ୍ୟଙ୍କୁ ଏଥର ସୁଯୋଗ ମିଳିପାରେ। ଗଣମାଧ୍ୟମ ଜଗତର ଜଣେ ଟାଣୁଆ ମାଲିକ ଭାବେ ସେ ଜଣାଶୁଣା। ରାଜ୍ୟର ପ୍ରମୁଖ ଖବର କାଗଜ, ଇଲେକ୍ଟ୍ରୋନିକ୍ସ ମିଡିଆ, ଅନ୍ୟ ଗଣମାଧ୍ୟମ ସଂସ୍ଥାର ମାଲିକ ହେଉଛନ୍ତି ସୌମ୍ୟ। ରାଜ୍ୟର ଲୋକପ୍ରିୟ ଚେହେରା ଭାବେ ଜଣାଶୁଣା ସୌମ୍ୟ ୨୦୧୮ରେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ତେବେ ଦଳକୁ ଆସୁ ଆସୁ ତାଙ୍କ ପାଟିରେ ବାଜିଥିଲା କ୍ଷମତାର ସ୍ୱାଦ। ଯୋଗ ଦେବାର କିଛି ଘଣ୍ଟା ପରେ ତାଙ୍କୁ ସୁପ୍ରିମୋ ରାଜ୍ୟ ସଭାକୁ ପଠାଇଥିଲେ। ଯାହାକି ସେତେବେଳର ରାଜନୀତିକୁ ଦୋହଲାଇ ଦେଇଥିଲା। ପରେ ୨୦୧୯ ସାଧାରଣ ନିର୍ବାଚନରେ ଖଣ୍ଡପଡାରୁ ବିଜୟୀ ହୋଇ ବିଧାନସଭା ମାଟି ମାଡିଲେ। ୨୦୧୯ ସରକାର ଗଠନ ପୂର୍ବରୁ ନବୀନଙ୍କ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇବାକୁ ନେଇ ସୌମ୍ୟ ପ୍ରମୁଖ ଦାବିଦାର ଥିଲେ। କାରଣ ଥିଲା ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ ହେବାର ରେକର୍ଡ। ଯାହାକୁ ନେଇ ସେ ଅନେକ ଆଶାବାଦୀ ମଧ ଥିଲେ। କିନ୍ତୁ ଶେଷରେ ତାଙ୍କୁ ନିରାଶ ହେବାକୁ ପଡିଥିଲା। କୁହାଯାଏ ଯେ ଦଳ ଏବଂ ସଙ୍ଗଠନରେ ସନ୍ତୁଳନ ରକ୍ଷା କରିବା ପାଇଁ ନବୀନ ସୌମ୍ୟଙ୍କୁ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ଦେଇନଥିଲେ। ତେବେ ମନ୍ତ୍ରୀମଣ୍ଡଳରେ ସ୍ଥାନ ନ ପାଇଥିବାରୁ ସୌମ୍ୟଙ୍କ ଅସନ୍ତୋଷ ଭାବ ବିଭିନ୍ନ ସମୟରେ ଦେଖିବାକୁ ମିଳିଛି। ନିଜ ସମ୍ପାଦକୀୟ ଲେଖା ଜରିଆରେ ହେଉ କିମ୍ବା ମନ୍ତବ୍ୟ ଜରିଆରେ, ଦଳ ଏବଂ ସରକାର ପ୍ରତି ଥିବା ତାଙ୍କର କ୍ଷୋଭ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି।



ଏପରିକି ବିଧାନସଭାରେ ସୌମ୍ୟଙ୍କ କିଛି ପ୍ରଶ୍ନ ସରକାରଙ୍କୁ ହରଡଘଣାରେ ପକାଇବାର ନଜିର ରହିଛି। ଯାହାର ଜ୍ୱଳନ୍ତ ଉଦାହରଣ ନିକଟରେ ଶେଷ ହୋଇଥିବା ବଜେଟ୍ ଅଧିବେଶନରେ ଦେଖିବାକୁ ମିଳିଥିଲା। ପ୍ରଶ୍ନକାଳରେ ୫-ଟି ଓ ମୋ ସରକାରକୁ ତେର୍ଛା ତୀର ମାରିଥିଲେ। ତେବେ ଏଭଳି ସ୍ଥିତିରେ ସୌମ୍ୟଙ୍କ ପ୍ରତି ସୁପ୍ରିମୋଙ୍କ ମନରେ କ’ଣ ରହିଛି ତାହା ଏବେ ଅଜଣା। ଅପରପକ୍ଷରେ ରାଜନୀତିରେ ଜଣେ ଅସ୍ଥିର ନେତା ସୌମ୍ୟଙ୍କ ଏକ ଅଲୋଡା ପରିଚୟ ରହିଛି। ବାରମ୍ବାର ଦଳ ପରିବର୍ତ୍ତନ କରିବା ନିର୍ଦ୍ଦିଷ୍ଟ ଏକ ଦଳରେ ବହୁ ସମୟ ପର୍ଯ୍ୟନ୍ତ ତିଷ୍ଠି ନରହିପାରିବା ନଜିର ଅଛି। ଯଦି ଏଥର ସେ ମନ୍ତ୍ରୀ ପଦରୁ ବଞ୍ଚିତ ହୁଅନ୍ତି ତେବେ ଆଗକୁ ତାଙ୍କର ଆଭିମୁଖ୍ୟ କ’ଣ ରହିବ ତାହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ।

# ଆଲେକ୍ସ ଆୟୁର୍ବେଦର ସୁସ୍ଥ ଭାରତ ସମୃଦ୍ଧ ଭାରତ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଆଲେକ୍ସ ଆୟୁର୍ବେଦ ର ସୁସ୍ଥ ଭାରତ ସମୃଦ୍ଧ ଭାରତ କାର୍ଯ୍ୟକ୍ରମ ସୁପର ଆଲେକ୍ସ ଜଗତସିଂହପୁରର ଲିଡର ସାରଦା ଭୋଳଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ନିକଟରର ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଆଲେକ୍ସ ଆୟୁର୍ବେଦିକ ର ମୁଖ୍ୟ ପରିଚାଳକ ୟଶବୀର ସିଂହ ସୁଦୂର ରାଜସ୍ଥାନ ରୁ ଆସି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଯୁବକ ଓ ଯୁବତୀ ମାନେ ଯୋଗଦେଇଥିଲେ। ଏହି ସେମିନାର କାର୍ଯ୍ୟକ୍ରମ ରେ ମେଣ୍ଟର ଭିକି ଚୌଧୁରୀ, ମହାଗୁରୁ ସୋମ୍ବିର ସିଂହ, ମନୋରଞ୍ଜନ ମହାରଣା, ମନୋରଞ୍ଜନ ବେହେରା, ଭବାନୀ ଶଙ୍କର ପାତ୍ର, ଶ୍ରୀଧର ଚରଣ ଭୂୟାଁ, ମନୋଜ ଭୋଳ, ଅନାଦି ଲେଙ୍କା, ଭଞ୍ଜ କିଶୋର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଜଗତସିଂହପୁର ଆଲେକ୍ସ ର ମୁଖ୍ୟ ପରିଚାଳକ ସାରଦା ଭୋଳ ଙ୍କ ନେତୃତ୍ୱ ରେ ଯୋଗଦେଇଥିବା ଅତିଥିମାନେ ଆୟୁର୍ବେଦିକ ସାମଗ୍ରୀ ଉପରେ ଆଲୋକପାତ କରାଯାଇଥିଲା. ଏଥିରେ ପଶୁ ଚିକିତ୍ସା ଓ ଘରୋଇ ସାମଗ୍ରୀ ଉପରେ ଉପସ୍ଥିତ ଜନସାଧାରଣ ମାନଙ୍କୁ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ପଲିଶ୍ରୀ ଭୂୟାଁ, ରଶ୍ମିତା ଡେଭବରମାନ, ସବିତା ପାତ୍ର, ସ୍ମିତାଞ୍ଜଳି ବେହେରା, ସୁଜାତା ଭୂୟାଁ, ଆରତୀ ଆଚାର୍ଯ୍ୟ, ରାଜଲକ୍ଷ୍ମୀ ଲେଙ୍କା, ଶିବ ପ୍ରସାଦ ଡେଭବରମାନ, ପ୍ରଫୁଲ୍ଲ ନାୟକ, ପ୍ରଶାନ୍ତ ତ୍ରିପାଠୀ, ଶୁଭେନ୍ଦୁ ମଲ୍ଲିକଙ୍କ ସମେତ ୨ ଶହ ରୁ ଉର୍ଦ୍ଧ କର୍ମଯିବି ମହିଳା, ଗୃହିଣୀ ମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ଅତ୍ୟାବଶ୍ୟକୀୟ ସାମଗ୍ରୀ ଆକାଶ ଛୁଆଁ ଓଡ଼ିଶା ଗସ୍ତରେ ୧୦ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ୨୦୨୪କୁ ନେଇ ବିଜେପିର ରୋଡ୍‌ମ୍ୟାପ ପ୍ରସ୍ତୁତ। ଆକାଂକ୍ଷୀ ଜିଲ୍ଲା ସମୀକ୍ଷା କାର୍ଯ୍ୟକ୍ରମକୁ ନେଇ ଏବେ ଓଡ଼ିଶା ସାରା ଚର୍ଚ୍ଚା। ଏକାଥରେ ୧୦ କେନ୍ଦ୍ରମନ୍ତ୍ରୀ ୧୦ ଜିଲ୍ଲାର ସମୀକ୍ଷା କରିବେ। ମୋଦି ସରକାର ଦେଉଥିବା ଚାଉଳ ଓ ଅନ୍ୟ କଲ୍ୟାଣକାରୀ ଯୋଜନାର ଲାଭ ହିତାଧିକାରୀଙ୍କ ପାଖରେ ସଠିକ୍ ସମୟରେ ପହଞ୍ଚୁଛି କି ନାହିଁ ତା’ର ଅନୁଧ୍ୟାନ କରିବେ ମୋଦି ସରକାରଙ୍କ ମନ୍ତ୍ରୀମାନେ। କିନ୍ତୁ ଏହା ସେତେଟା ରୂପାୟନ ହୋଇପାରିବ ନାହିଁ। କାହିଁକିନା ମନ୍ତ୍ରୀଙ୍କ ଆଗରେ ଅନେକ ଚ୍ୟାଲେଞ୍ଜ ରହୁଛି। ବାସ୍ତବରେ ଏହି ସମୀକ୍ଷାର ଆବଶ୍ୟକତା କେତେ ରହିଛି ? ଏହା ଦ୍ୱାରା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ କି ? ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠୁଛି। ପେଟ୍ରୋଲ, ଡିଜେଲର ଅହେତୁକ ଦର ବୃଦ୍ଧି ସମସ୍ତଙ୍କ ମେରୁଦଣ୍ଡ ଭାଙ୍ଗି ସାରିଲାଣି। ଦର ଦାମ୍ ବୃଦ୍ଧି ଗରିବ ଖଟିଖିଆଙ୍କ ବୋଝକୁ ଦ୍ୱିଗୁଣିତ କରିଛି। ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ ବଣ୍ଟନ କରିଥିଲା କେନ୍ଦ୍ର। କିନ୍ତୁ ଗ୍ୟାସ ଦର ଆଜି ହଜାରେ ଟଙ୍କା ଉପରେ। ଏପରି ସ୍ଥଳେ ହିତାଧିକାରୀଙ୍କ ପାଖକୁ ଯାଇ ଯୋଜନାର ସମୀକ୍ଷା କରିବା ଦିନରେ ଲଣ୍ଠନ ଦେଖାଇବା ସଦୃଶ।




ଅପରପକ୍ଷରେ, ଆକାଂକ୍ଷୀ ଜିଲ୍ଲା ସମୀକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀମାନେ। ସେମାନଙ୍କ କହିବା ଅନୁସାରେ ସମୀକ୍ଷା ନାଁରେ ଦଳୀୟ କାର୍ଯ୍ୟକ୍ରମ କରାଯାଉଛି । ଗଣତାନ୍ତ୍ରିକ ବ୍ୟବସ୍ଥାରେ କୌଣସି ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଡକାଯାଉ ନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ଗତ କାଲି ଦେଖିବାକୁ ମିଳିଛି। ଗତକାଲି କୋରାପୁଟ ଜିଲ୍ଲାର ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ କେନ୍ଦ୍ର ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ସଞ୍ଜୀବ କୁମାର ବାଲିୟନ। କିନ୍ତୁ ଲଜ୍ଜାକର କଥା ବିଜେପିର କର୍ମୀ ଏବଂ କିଛି ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିବା ବେଳେ ସ୍ଥାନୀୟ ବିଜେଡି ବିଧାୟକ କିମ୍ବା ବିଜେଡି ଓ କଂଗ୍ରେସର ପୌରାଞ୍ଚଳ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଡକାଯାଇ ନଥିଲା। ଯାହାକୁ ନେଇ ପ୍ରଶ୍ନ ଉଠିବା ସ୍ୱଭାବିକ।

ସତରେ ଜନକଲ୍ୟାଣକାରୀ ଯୋଜନାର ସମୀକ୍ଷା କରାଯାଉଛି ନାଁ ପୌର ଓ ପଞ୍ଚାୟତ ନିର୍ବାଚନରେ ବିଜେପି ବିପର୍ଯ୍ୟୟ ସମୀକ୍ଷା ହେଉଛି ଏହି ପ୍ରଶ୍ନ ଏବେ ଓଡ଼ିଶାବାସୀଙ୍କ ମନରେ ଉଙ୍କି ମାରୁଛି। ତେବେ ଆକାଂକ୍ଷୀ ଜିଲ୍ଲା ସମୀକ୍ଷାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ ବଦ୍ରି ପାତ୍ର। ସେ କହିଛନ୍ତି, ରାଜ୍ୟ ସରକାରଙ୍କୁ ବିରୋଧୀ ସବୁବେଳେ ବଦନାମ କରିବାକୁ ପ୍ରୟାସ କରନ୍ତି। ଏହା କରିବା ଦ୍ୱାରା ସେମାନେ ଭାବୁଛନ୍ତି ୨୦୨୪ ନିର୍ବାଚନରେ ଭଲ ଫଳ ମିଳିବ। ଆକାଂକ୍ଷୀ ଜିଲ୍ଲା ପରିଦର୍ଶନ କରିବା ସମୟରେ କେନ୍ଦ୍ର ମନ୍ତ୍ରୀମାନେ ସ୍ଥାନୀୟ ପ୍ରଶାସନ ଓ ବିଧାୟକଙ୍କୁ ନେଇକି ଯିବା କଥା। ସେ ନ ଡାକି ଭୁଲ କରିଛନ୍ତି।

# ଶତ୍ରୁଙ୍କୁ କିପରି କରିବେ ପରାଜିତ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଚାଣକ୍ୟ ନୀତି; ଆଚାର୍ଯ୍ୟ ଚାଣକ୍ୟ ନନ୍ଦ ରାଜବଂଶକୁ ନିପାତ କରି ତାଙ୍କ ନୀତି ଆଧାରରେ ମୌର୍ଯ୍ୟ ରାଜବଂଶ ପ୍ରତିଷ୍ଠା କରିଥିଲେ। ନନ୍ଦ ରାଜବଂଶର ରାଜା, ଆଚାର୍ଯ୍ୟ ଚାଣକ୍ୟ କୁ ଅପମାନିତ କରିଥିଲେ କିନ୍ତୁ ସେ ତାଙ୍କ କ୍ରୋଧକୁ ପ୍ରକାଶ କରିବାକୁ ଦେଇ ନଥିଲେ। ପରେ ସେ ଏହି କ୍ରୋଧକୁ ଅସ୍ତ୍ର କରି ଶତ୍ରୁମାନଙ୍କୁ ବିନାଶ କରିଥିଲେ। ତେବେ କେଉଁ ଶକ୍ତି ଉପରେ ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ଶତ୍ରୁମାନଙ୍କୁ ପରାସ୍ତ କରିଥିଲେ ତାହା ଜାଣିବା ଆବଶ୍ୟକ।




୧-ଆଚାର୍ଯ୍ୟ ଚାଣକ୍ୟଙ୍କ ଅନୁଯାୟୀ ଶତ୍ରୁଙ୍କର ସବୁଠାରୁ ବଡ ଅସ୍ତ୍ର ହେଉଛି ଆପଣଙ୍କ ଉତ୍ତେଜିତ କରାଇବା ତେଣୁ ଶତ୍ରୁ ସର୍ବଦା ଆପଣଙ୍କୁ ସର୍ବଦା ଆପଣଙ୍କୁ ଉତ୍ତେଜିତ କରିବାକୁ ଚେଷ୍ଟା କରେ ଯାହା ଦ୍ୱାରା ଆପଣ କ୍ରୋଧିତ ହେବେ। କାରଣ କ୍ରୋଧ କଲେ ଉଭୟ ଶକ୍ତି ଏବଂ ବିବେକ ହ୍ରାସ ପାଇ ଅଧା ହୋଇଥାଏ । ଯେତେବେଳେ ଏହା ହ୍ରାସ ଘଟେ ସେତେବେଳେ ଶତ୍ରୁ ଲାଭ ଉଠାଇ ପାରିବେ । ତେଣୁ ଯେତେବେଳେ ଶତ୍ରୁମାନେ ଆପଣଙ୍କୁ କ୍ରୋଧ କରିବାକୁ ଚେଷ୍ଟା କରନ୍ତୁ ସେତେବେଳେ ଆପଣଙ୍କ କ୍ରୋଧକୁ ଆପଣଙ୍କ ଭିତରେ ଚାପି ରଖନ୍ତୁ ତାପରେ ଉପଯୁକ୍ତ ସମୟରେ ଏବଂ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହିତ ଏହାକୁ ଓଗାଳ ଦଅନ୍ତୁ।

୨-ଚାଣକ୍ୟଙ୍କ ଅନୁଯାୟୀ , ଆପଣ ଜଣେ ଖରାପ ବ୍ୟକ୍ତିଙ୍କ ସହ ଯେତେ ଭଲ ବ୍ୟବହାର କରନ୍ତୁ ନା କାହିଁକି ତଥାପି ସେ ତାହାର ପ୍ରକୃତି ପରିବର୍ତ୍ତନ କରିବା ନାହିଁ। ସାପର ବିଷ ଦାନ୍ତରେ ବିଛାର ବିଷ ଲାଞ୍ଜରେ ଅଛି କିନ୍ତୁ ଖରାପ ଏବଂ ମନ୍ଦ ବ୍ୟକ୍ତି ଶରୀରରେ ପ୍ରତ୍ୟେକ ଅଙ୍ଗରେ ବିଷାକ୍ତ ଭଚିତ ଯେପରି ବିଷାକ୍ତ ସାପ ସହିତ କରାଯାଏ। ଅର୍ଥାତ ଏହାକୁ ଚୂର୍ଣ୍ଣ କରାଯିବା ଉଚିତ୍

୩- ଶତ୍ରୁମାନଙ୍କୁ କଦାପି ଘୃଣା କର ନାହିଁ, କାରଣ ଏହା କରିବା ଦ୍ୱାରା ଶତ୍ରୁ ବିଷୟରେ ବୁଝିବା ଏବଂ ଚିନ୍ତା କରିବାର ଶକ୍ତି କମିବା ଆରମ୍ଭ କରେ । ଆପଣ କେବଳ ତାଙ୍କର ଦୁର୍ବଳତା ଦେଖିପାରିବେ ଶକ୍ତି ନୁହେଁ । ତେଣୁ ଶତ୍ରୁକୁ ଜଣେ ବନ୍ଧୁ ଭାବରେ ଦେଖିବା ଉଚିତ। ଯାହା ଦ୍ୱାରା ଆପଣ ତାଙ୍କ ବିଷୟରେ ସବୁକିଛି ଜାଣିପାରିବେ । ଏହା ସହିତ ଆପଣ ତାଙ୍କୁ ସହଜରେ ପରାସ୍ତ କରିବାକୁ ସମର୍ଥ ହେବେ।

୪-ଶତ୍ରୁମାନଙ୍କୁ ପରାସ୍ତ କରିବାକୁ ତାଙ୍କୁ କୂଟନୈତିକ ସ୍ତରରେ ଜଡିତ କର । ଅର୍ଥାତ ପ୍ରଥମେ ତାଙ୍କ ଶକ୍ତି ଏବଂ ସହଯୋଗୀମାନଙ୍କୁ ତାଙ୍କ ଠାରୁ ହଟାଇ ଦିଅନ୍ତୁ ଯେତେବେଳେ ଶତ୍ରୁ ଏକାକି ହୋଇଯାଏ ତା ପରେ ତାକୁ ଆକ୍ରମଣ କରନ୍ତୁ।

# 'ମା ସୁଦୀପ୍ତା ଦତ୍ତ ସ୍ମୃତି ପରିଷଦ'ର ଜଳ ଛତ୍ର କେନ୍ଦ୍ର ଉଦଘାଟିତ




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ଗାନ୍ଧୀଛକ ଠାରେ ମା ସୁଦୀପ୍ତା ଦତ୍ତ ସ୍ମୃତି ପରିଷଦ ମାର୍କନ୍ଦପୁର ଅନୁକୂଲ୍ୟରେ ଜଳ ଛତ୍ର କେନ୍ଦ୍ର ଉଦଘାଟିତ ହୋଇଯାଇଛି ମୁଖ୍ୟ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଯୋଗଦେଇ ଫିତା କାଟି ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ମୃତି ପରିଷଦର ସଭାପତି ପ୍ରଦୀପ୍ତ କିଶୋର ସାହୁ ,କ୍ଷେତ୍ରମୋହନ ନନ୍ଦ, କ୍ରିଷ୍ଣା ଦତ୍ତ, ସାରଦା କୁମାର ଦାସ ପ୍ରମୁଖ ମୁଖ୍ୟ ଅତିଥିଙ୍କୁ ଉପ ଢୋକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଏ ସମସ୍ତ କାର୍ଯ୍ୟ କ୍ରମକ ପରିଷଦ ର ଧନେଶ୍ୱର ନାୟକ, କାନନ ବାଲା ସ୍ୱାଇଁ ଗାନ୍ୟ ରଞ୍ଜନ ମଲ୍ଲିକ, ବିମଲ ପ୍ରସାଦ ମହାନ୍ତି, ସାଇ ସ୍ମିତା, ଦୀପ୍ତି ଦିପଞ୍ଜଳୀ ଅଭିନନ୍ଦନ ପୁହାଣ ଓ ବ୍ରଜକିଶୋର ଦତ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ପାରାଦୀପ ବାର୍ ଆସୋସିଏସନ୍‌ର ଶପଥ ଗ୍ରହଣ ସମାରୋହ




**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପ ବାର୍ ଆସୋସିଏସନ୍‌ର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କର ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର ଦିନ ପାରାଦୀପ ପୋର୍ଟ ଅଫିସର୍ସ୍ କ୍ଲବ୍ ପରିସରରେ ଆୟୋଜିତ ହୋଇଥିଲା । ନିର୍ବାଚନ ଅଧିକାରୀ ଗୋରାଚାନ୍ଦ ସିଂ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ । ଶପଥ ପାଠ ପରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ବାର୍ କାଉନସିଲ୍ ଅଫ ଇଣ୍ଡିଆ ଟ୍ରଷ୍ଟର ନିର୍ବାହୀ ଅଧ୍ୟକ୍ଷ ଓ ବାର୍ କାଉନସିଲ୍ ଅଫ ଇଣ୍ଡିଆ ସଦସ୍ୟ ତଥା ବରିଷ୍ଠ ଆଇନ୍‌ଜୀବୀ ଦେବୀ ପ୍ରସାଦ ଧଳ ଯୋଗ ଦେଇଥିଲେ । ସମାରୋହରେ ସମ୍ମାନୀତ ଅତିଥି ଭାବେ ଭାରତ ସରକାରଙ୍କ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ଓଡିଶା ହାଇକୋର୍ଟ ବାର ଆସୋସିଏସନ୍‌ର ପୂର୍ବତନ ସମ୍ପାଦକ ସତ୍ୟବ୍ରତ ମହାନ୍ତି, ଓଡିଶା ବାର କାଉନସିଲର ସଦସ୍ୟ ସୌର ଚନ୍ଦ୍ର ମହାପାତ୍ର, ବାର୍ କାଉନସିଲର ସଦସ୍ୟ ମାନସ ଚାନ୍ଦ ଯୋଗ ଦେଇଥିଲେ। ଏହି ସମାରୋହରେ ସଭାପତିତ୍ୱ କରିଥିଲେ ପାରାଦୀପ ବାର ଆସୋସିଏସନ୍‌ର ସଭାପତି ହେମନ୍ତ କୁମାର ସାହୁ । ସାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସାଧାରଣ ସମ୍ପାଦକ ତପନ କୁମାର ଦାଶ । ଏହି ଅବସରରେ ଆସୋସିଏସନ୍ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଶାନ୍ତ କୁମାର ଦାସ । ଏହି ସମାରୋହରେ ଜଗତସିଂହପୁର, ତିର୍ତ୍ତୋଲ,ଏରସମା ଓ କୁଜଙ୍ଗ ବାର୍ ଆସୋସିଏସନ୍‌ର ସଦସ୍ୟ ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ପାରାଦ୍ୱୀପରେ ୭୨ହଜାର କର୍ମ ନିଯୁକ୍ତି ପାଇବେ



**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପରେ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ପ୍ରକଳ୍ପକୁ ଇତିମଧ୍ୟରେ ମିଳିଛି ପରିବେଶ ମଂଜୁରୀ । ବାର୍ଷିକ ୧୩.୨ ନିୟୁତ ଅଶୋଧିତ ଇସ୍ପାତ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପକୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ ପକ୍ଷରୁ ସବୁଜ ସଂକେତ ମିଳିଛି । ଏହି ବୃହତ ପ୍ରକଳ୍ପ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷରେ ୭୨ ହଜାର ଲୋକଙ୍କୁ ନିଯୁକ୍ତି ମିଳିବ, ଯାହା ଫଳରେ ସ୍ଥାନୀୟ ଅଂଚଳ ଓ ଜିଲ୍ଲାରେ ବେକାରୀ ସମସ୍ୟା ଦୁରୀକରଣରେ ବେଶ ସହାୟକ ହେବ । ଅତ୍ୟାଧୁନିକ ଓ ପରିବେଶ ଅନୁକୁଳ ଏହି ପ୍ରକଳ୍ପ ନିମନ୍ତେ ୬୫ ହଜାର କୋଟି ଟଙ୍କା ପୁଞ୍ଜି ନିବେଶ ହେବ । ଦେଶର ଅନ୍ୟତମ ସର୍ବବୃହତ ଏହି ପ୍ରକଳ୍ପରେ ବାର୍ଷିକ ୧୦ ନିୟୁତ ଟନର ସିମେଣ୍ଟ ଗ୍ରାଇଣ୍ଡିଙ୍ଗ ୟୁନିଟ୍, ୯୦୦ ମେଗାୱାଟ କ୍ୟାପଟିଭ ପାୱାର ପ୍ଲାଣ୍ଟ ଏବଂ ୫୨ ଏମଟିପିଏ ହ୍ୟାଣ୍ଡଲିଙ୍ଗ୍ କ୍ଷମତା ବିଶିଷ୍ଟ କ୍ୟାପଟିଭ ଜେଟି ଅନ୍ତର୍ଭୁକ୍ତ । ଅନ୍ୟ ପକ୍ଷରେ କମ୍ପାନୀ ଜନଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ସାମାଜିକ ଭିତ୍ତିଭୂମି, ବର୍ଯ୍ୟବସ୍ତୁ ପରିଚାଳନା ଓ ପାରିପାର୍ଶ୍ୱିକ ସ୍ଥିତିରେ ବିକାଶ ପାଇଁ ପ୍ରାୟ ୨୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛି । ଏତଦ୍‌ବ୍ୟତିତ ପରିବେଶ ପ୍ରଭାବ ଆକଳନ (ଇଆଇଏ) ଆଧାରରେ କମ୍ପାନୀ ପରିବେଶ ସୁରକ୍ଷା ବାବଦକୁ ୨,୮୫୦ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି ।

# ନାବାଳିକା ଦୁଷ୍କର୍ମକାରୀଙ୍କୁ ୧୦ବର୍ଷ ଜେଲଦଣ୍ଡ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଫାଷ୍ଟଟ୍ରାକ କୋର୍ଟ ର ମାନ୍ୟବର ସତନ୍ତ୍ର ବିଚାରପତି ଅଜୟକୁମାର ମହାନ୍ତି ସ୍ପେଶାଲ ଜିଆର ନଂ୧୩/୧୬କେଶରେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା କେଶରେ ପିଡିତା ,ପିତା,ମାତାଙ୍କ ସହ ମିଶି କରି ୨୦ଜଣ ସାକ୍ଷ୍ୟଙ୍କର ବୟାନକୁ ବିଚାର କରି କୁଜଙ୍ଗ ଥାନା ବଡଗବପୁର ଗ୍ରାମର ମୁଦାଲା ରାଜା ଓରଫସୁନିଲ କୁମାର ଦାସକୁ ୩୬୩,୩୭୬(୧)ଆଇପିସି ଓ ୪ ପୋକ୍ସ ଆଇନ୍ ଅନୁସାରେ ୫ବର୍ଷ ଓ ୧୦ବର୍ଷ ଦଣ୍ଡ ବିଧାନ କରିବା ସଙ୍ଗେ ସଙ୍ଗେ ୧୦ହଜାର ଓ ୨୦ହଜାର ଟଙ୍କା ଜୋରିମାନା କରିଛନ୍ତିଜୋରିମାନା ଅନାଦେୟ ୩ମାସ ଓ ୬ମାସ ଜେଲ ଦଣ୍ଡ ଭୋଗିବା ପାଇଁ ଆଦେଶ ଦେଇଛନ୍ତି। ପୋକ୍ସ ଆଇନ୍‌ରେ ଦଫା ୪୨ ଅନୁସାରେ ପୋକ୍ସ ୪ଦଫାରେ କୌଣସି ଦଣ୍ଡ କନ୍‌କରେ ଣ୍ଟଲି ଚାଲିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଜେଲ ରେ ଥିବା ସମୟକୁ ବିଚାରକୁ ନେବା ପାଇଁ ଆଦେଶ ଦେଇଛନ୍ତି। ପିଡିତାକୁ ସାହାଯ୍ୟ ବାବଦ ୭,୦୦.୦୦ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଂସ୍ଥାକୁ ପଦକ୍ଷେପ ନେବା ପାଇଁ ଆଦେଶ ଦେଇଛନ୍ତି। ଉକ୍ତ ମାମଲାକୁ ସତନ୍ତ୍ର ସରକାରୀ ଓକିଲ ଦୋଳଗୋବିନ୍ଦ ଦାଶ ପରିଚାଳନା କରୁଥିଲେ।

# ଜଗତସିଂହପୁର ଜିଲ୍ଲାପ୍ରଶାସନର ଆମ୍ବେଦକରଙ୍କ ଜୟନ୍ତୀ




**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଦଭାବନା ସଭାଗୃହ ପରିସରରେ ଏକ ଜିଲ୍ଲା ସ୍ତରୀୟ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡଃ.ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ମହା ସମାରୋହ ପାଳିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟାୱାରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜଗତସିଂହପୁର ଜିଲ୍ଲା ପରିଷଦର ଅଧ୍ୟକ୍ଷ ମନୋଜ ଭୋଇ, ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜଗତସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା, ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପ ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଭାରତରତ୍ନ ବାବାସାହେବ ଆମ୍ବେଦକର ଙ୍କ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରିବା ସହ ସ୍ମୃତି ଚାରଣ କରିଥିଲେ। ପରେ ବିଭିନ୍ନ ବିଭାଗରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଉପରୋକ୍ତ ଅତିଥିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାବାସାହେବ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଲଜ୍ଜା, ଘୃଣା: ଗୋଧିକୁ ଗଣଦୁଷ୍କର୍ମ, ୪ ଗିରଫ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଅମାନୁଷିକ, ଲଜ୍ଜା, ଘୃଣ୍ୟ। ଯାହାବି କହିବେ କମ୍ ପଡିବ। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି, ଯାହା ଶୁଣିବାକୁ ବି ଖରାପ ଲାଗିବ। ୪ ଜଣ ବ୍ୟକ୍ତି ଏକ ଗୋଧି(ବେଙ୍ଗଲ ମନିଟର ଲିଜାର୍ଡ)କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି।

ଗିରଫ ଅଭିଯୁକ୍ତମାନେ ହେଲେ ସନ୍ଦୀପ ତୁକାରାମ, ପାୱାର ମଙ୍ଗେଶ, ଜନାର୍ଦନ କାମଟେକର ଓ ଅକ୍ଷୟ ସୁନୀଲ। ଏମାନଙ୍କ ଫୋନ୍ ଯାଞ୍ଚ କରିବା ପରେ ଏଭଳି କଳାକାରନାମା ବିଷୟରେ ଜଣାପଡିଥିଲା। କାରଣ ଅଭିଯୁକ୍ତମାନେ ଘଟଣାକୁ ଭିଡିଓ ରେକର୍ଡ କରି ରଖିଥିଲେ। ଅଭିଯୁକ୍ତମାନେ ଉକ୍ତ ଗୋଧି ସହିତ ଗଣଦୁଷ୍କର୍ମ କରୁଥିବାର ଦୃଶ୍ୟ ଜଣକ ମୋବାଇଲ୍ ଫୋନ୍‌ରେ ରେକର୍ଡଂ ହୋଇଥିବା ଭିଡିଓରେ ବନ ବିଭାଗ କର୍ମଚାରୀମାନେ ଦେଖିଥିଲେ।

ପୋଲିସ୍ ସୂଚନା ଅନୁସାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ପେଶାରେ ଶିକାରୀ। ଏମାନେ ସମସ୍ତେ ଚାଲାଖି କରି ମହାରାଷ୍ଟ୍ରର ଗୋଠାଣେ ଗାଭା ଅଞ୍ଚଳର ସହ୍ୟାଦ୍ରୀ ଟାଇଗର ରିଜର୍ଭରେ ଟୁରିଷ୍ଟ ଭାବରେ ପ୍ରବେଶ କରିଥିଲେ। ବନ ଅଧିକାରୀମାନେ ସିସିଟିଭି ଫୁଟେଜ୍‌କୁ ଆଧାର କରି ଅଭିଯୁକ୍ତମାନଙ୍କ ପାଖରେ ପହଞ୍ଚିଥିଲେ। ବନ ଅଧିକାରୀମାନଙ୍କ କହିବା କଥା ହେଲା ଏହି ୩ ଅଭିଯୁକ୍ତ କୋଙ୍କୋଣରୁ କୋହ୍ଲାପୁର ଚାନ୍ଦୋଲୀ ଗାଁକୁ ଶିକାର ପାଇଁ ଆସିଥିଲେ।

ସୂଚନା ଥାଉକି ବଙ୍ଗଲ ମନିଟର ଲିଜାର୍ଡ(ଗୋଧି) ବନ୍ୟଜନ୍ତୁ ସଂରକ୍ଷଣ ଆଇନ୍ ୧୯୭୨ ଅଧିନରେ ଆସୁଛି । ତେଣୁ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତଙ୍କୁ ୭ ବର୍ଷର ଜେଲ୍ ଦଣ୍ଡ ହୋଇପାରେ।

# ମା ଜାଗୁଲେଇ ସେବା ସଂଘର ବାର୍ଷିକ ଉତ୍ସବ




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ ତରଡାପଡା ପଂଚାୟତର ପାଟେଣିଗାଁ ଗ୍ରାମର ମା ଜାଗୁଲାଇ ସେବା ସଂଘର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ମହାସମାରୋହରେ ଅନୁଷ୍ଠିତହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥିଭାବେ ଏଏସପି ଉମେଶ ଚନ୍ଦ୍ର ପଣ୍ଡା,ମୁଖ୍ୟ ବକ୍ତାଭାବେ ଏସଡିପିଓ ରମେଶ ଚନ୍ଦ୍ର ସିଂହ ଯୋଗ ଦେଇଥିଲେ। ସଭାକୁ ରବୀନ୍ଦ୍ର ନାଥ ନାୟକ ପରିଚାଳନା କରିଥିଲେ। ମା ଜାଗୁଲାଇ ସେବା ସଙ୍ଘ ସମ୍ମାନ କୈଳାସ ଚନ୍ଦ୍ର ଦାଶ ଙ୍କୁ ଏବଂ ପଟେଣିଗାଁ ସମ୍ମାନରେ ବାବାଜୀ ବରାଳ( ଧୁଡୁକି ନାଚ) ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ଉତ୍ସବରେ ଛୋଟ ପିଲାମାନଙ୍କୁ ଖାତା, କଲମ, ବ୍ୟାଗ, ବିସ୍କୁଟ ବଣ୍ଟା ଯାଇଥିଲା ।ସଭାପତି ରାଜନ ସ୍ୱାଇଁ,ଉପସଭାପତି ଦୀପକ କୁମାର ଦାସ,ସମ୍ପାଦକ ସୁଶୀଲ କୁମାର ଭୋଇ,ସହ ସମ୍ପାଦକ ଶକ୍ତି ପ୍ରସାଦ ଦାସ ଉତ୍ସବକୁ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଘର ଚିନ୍ମୟ, ଦୁର୍ଗା, ପ୍ରସନ୍ନ, ଅଶୋକ, ସମୀର, ରିଚି, ବିଶ୍ୱଜିତ, ବିଶ୍ୱନାଥ, ରିଙ୍କୁ, କାଳିଆ, ସତ୍ୟପ୍ରକାଶ, ଲିପୁ, ବାପି, ଶ୍ରୀନିବାସ, ବାବୁ, ମକର, ମିଟୁ, ନନିଆ,ଦିଲ୍ଲୀପ, ପ୍ରକାଶ, ବବୁଲୁ, ସିପୁନା, ଦେବାଶିଷ ପରିଚାଳନାରେ ସହାୟତା କରିଥିଲେ।

# ଜଗତସିଂହପୁରରେ ଜନଅଭିଯୋଗ ଶୁଣାଣି ପୁର୍ନଆରମ୍ଭ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ଏପ୍ରିଲ ୧୮ତାରିଖରୁ ପୁର୍ନଆରମ୍ଭ କରାଯାଉଛି। ଏହି ଜନ ଅଭିଯୋଗ ଶୁଣାଣି ଶିବିର କୋଭିଡ୍-୧୯ ର ଦ୍ରୁତ ସଂକ୍ରମଣ କୁ ଦୃଷ୍ଟିରେ ରଖି ପ୍ରତ୍ୟେକ୍ଷ ଭାବେ ସ୍ଥଗିତ ଥିଲା। ଏହି ଜନ ଅଭିଯୋଗ ଶୁଣାଣି ଶିବିର ପ୍ରତ୍ୟେକ ସୋମବାର ଦିନ ଜିଲ୍ଲାର ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହେବ। ଏହି କ୍ରମରେ ଏପ୍ରିଲ ୧୮ତାରିଖରେ ଜଗତସିଂହପୁର ବ୍ଲକ ପାଇଁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଦିନ ୧୦ଟାରୁ ଆରମ୍ଭ ହେବ। ଏହି ଶିବିରରେ ଜିଲ୍ଲାର ବରିଷ୍ଠ ଅଧିକାରୀ,ଜିଲ୍ଲା ସ୍ତରୀୟ ଅଧିକାରୀ,ବ୍ଲକ ପ୍ରଶାସନର ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡିକର ଶୁଣାଣି କରି ଏହାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧିକରୁ ଅଧିକ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ସେମାନଙ୍କର ଅଭିଯୋଗ ଗୁଡିକ ପଂଜିକରଣ କରାଇବାକୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଜଗତସିଂହପୁର ଜିଲ୍ଲାକୁ ୧୯ଟି ମେଡାଲ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ୬୮ତମ ରାଜ୍ୟ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଭୁବନେଶ୍ୱର କିଟ ଓ କିସ ପରିସରରେ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା କ୍ରୀଡା ସଂସଦ ତରଫରୁ ୩୦ଜଣ ପ୍ରତିଯୋଗି ବିଭିନ୍ନ ବର୍ଗ ଯ ଥ । ୧୪ବର୍ଷ,୧୮ବର୍ଷ,୨୦ବର୍ଷ,୨୩ବର୍ଷ ର ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିଲେ। ଏଥିରେ ସର୍ବମୋଟ ଜଗତସିଂହପୁର ଜିଲ୍ଲାର ପ୍ରତିଯୋଗି ମାନେ ୧୯ଟି ମେଡାଲ ହାସଲ କରିଛନ୍ତି। ଯାହା ଫଳରେ ଏ ବର୍ଷ ପ୍ରତିଯୋଗି ମାନେ ସର୍ବାଧିକ ମେଡାଲ ପାଇଛନ୍ତି। ପ୍ରତିଯୋଗି ମାନଙ୍କୁ ଜିଲ୍ଲା କ୍ରୀଡା ସଂସଦର ସଭାପତି ଜିଲ୍ଲାପାଳ,ସଂପାଦକ,ଓ ସଂସଦର ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗି ମାନେ ମଧ୍ୟଜିଲାର ମଣ୍ଡଳ କ୍ରୀଡା ନିରିକ୍ଷକ,ସମସ୍ତ କ୍ରୀଡାଶିକ୍ଷକ,କ୍ରୀଡା ସଂସଦ ସଂପାଦକ ଦୋଳଗୋବିନ୍ଦ ଦାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଓଡ଼ିଶାରେ କୋଭିଡ୍ ସଂକ୍ରମଣ ବଢିବାର ଆଶଙ୍କା




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ନୂଆଦିଲ୍ଲୀରେ ବଢିବା ପରେ ଓଡ଼ିଶାରେ କୋଭିଡ୍ ସଂକ୍ରମଣ ବଢିଥାଏ। ଏହା କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ନିରୋଜ ମିଶ୍ର। ଦିଲ୍ଲୀରେ ଗତ ୪୦ ଦିନ ପରେ ପୁଣି କରୋନା ସଂକ୍ରମଣ ବଢିଛି। ନୂଆଦିଲ୍ଲୀରେ ଗତ ୨୪ ଘଣ୍ଟାରେ ୩୨୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଣୁ ଓଡ଼ିଶାରେ ବି କୋଭିଡ୍ ସଂକ୍ରମଣ ବଢିବାର ଆଶଙ୍କା ଦେଖାଦେଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଶୁକ୍ରବାର ସକାଳ ୮ଟା ସୁଦ୍ଧା ସମଗ୍ର ଦେଶରେ ୨୪ ଘଣ୍ଟା ମଧ୍ୟରେ ୯୪୯ କରୋନା ଭାଇରସ୍‌ଜନିତ ନୂତନ ସଂକ୍ରମଣ ଓ ୬ ମୃତ୍ୟୁ ରେକର୍ଡ କରାଯାଇଛି।

୨୪ ଘଣ୍ଟାରେ ଚିହ୍ନଟ ହୋଇଥିବା ୧,୦୦୭ ନୂତନ ଆକ୍ରାନ୍ତଙ୍କୁ ମିଶାଇ ଦେଶରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୪,୩.୩୯,୯୭୨ରେ ପହଞ୍ଚିଛି। ଗତ ୨୪ ଘଣ୍ଟାରେ ହୋଇଥିବା ୬ ମୃତ୍ୟୁକୁ ମିଶାଇ ଭାରତରେ ସମୁଦାୟ କୋଭିଡ୍-୧୯ ଜନିତ ମୃତ୍ୟୁ ସଂଖ୍ୟା ୫,୨.୭୪୭ରେ ପହଞ୍ଚିଛି।

# ଭୁବନେଶ୍ୱର କେଶରୀ ମଲ୍‌ରେ ଅଗ୍ନିକାଣ୍ଡ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ମାର୍କେଟ୍ ବିଲ୍ଡିଂ ନିକଟରେ ଥିବା କେଶରୀ ମଲ୍‌ରେ ଅଗ୍ନିକାଣ୍ଡ। ମଲ୍‌ରେ ୬ରୁ ୭ଟି ଶୋ ରୁମ୍‌ରେ ନିଆଁ ଲାଗିଥିବା ସୂଚନା ମିଳିଛି। ରାତି ପ୍ରାୟ ସାଢେ ୧୨ ସମୟରେ ନିଆଁ ଲାଗିଥିବା କୁହାଯାଉଛି। ମଲ୍‌ରେ ବାହାରକୁ ନିଆଁ ହୁତ ହୁତ ହୋଇଜଳିବ ପରେ ସ୍ଥାନୀୟ ଲୋକେ ନିଆଁ ଜଳୁଥିବାର ଦେଖି ପୋଲିସ୍‌କୁ ଖବର ଦେଇଥିଲେ। ଏହାପରେ ଘଟଣାସ୍ଥଳରେ ପୋଲିସ୍ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରାୟ ଅଧଘଣ୍ଟାରୁ ୪୫ ମିନିଟ୍ ପର୍ଯ୍ୟନ୍ତ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିଲା। ହେଲେ ତଥାପି ଧୂଆଁ ବାହାରୁଥିବାରୁ ତନ୍ନ ତନ୍ନ କରି ଯାଞ୍ଚ କରିଥିଲା ଅଗ୍ନିଶମ ବାହିନୀ। ଧୂଆଁ ପ୍ରବଳ ବାହାରୁଥିବାରୁ ଶୋରୁମ୍ ସିଲିଂ ଭାଙ୍ଗି ଚେକ୍ କରିଥିଲେ ଅଗ୍ନିଶମ ବାହିନୀ। ତେବେ ନିଆଁ କାହିଁକି ଲାଗିଲା ସେ ନେଇ ସ୍ପଷ୍ଟ କାରଣ ଜଣାପଡିନଥିବା ବେଳେ ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି।

ଖବର ପାଇ ଘଟଣାସ୍ଥଳରେ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ମଧ୍ୟ ପହଞ୍ଚିଥିଲେ। ସ୍ଥିତିର ପରକ୍ଷାବା ପରେ ନିଆଁ ଆୟତ ହୋଇଥିବା ସେ ସୂଚନା ଦେଇଥିଲେ। ସେଣ୍ଟ୍ରାଲ୍ ଏସିରୁ ନିଆଁ ଲାଗିଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ତଦନ୍ତ ହେଲେ ଜଣାପଡିବ ବୋଲି ବିଧାୟକ କହିଛନ୍ତି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା
SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮

**ADVERTISEMENT TARIFF**

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |

Vol.5 Issue-45 April 18 to 24, 2022, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୪୫ ଏପ୍ରିଲ୍ ୧୮ ରୁ ୨୪, ୨୦୨୨, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା

## ଦଳିତଙ୍କ ଘରେ ଶାଗ ଭାତ ଖାଇଲେ ଧର୍ମେନ୍ଦ୍ର

**ଢେଙ୍କାନାଳ(ସଂପର୍କବାର୍ତ୍ତା):-** ଆକାଂକ୍ଷୀ ଜିଲ୍ଲା ଢେଙ୍କାନାଳ ଗ୍ରସ୍ତ କରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ସମୀକ୍ଷା କରିବା ଅବସରରେ ଆଜି ଦ୍ୱିତୀୟ ଦିବସରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରଜଙ୍ଗ ଗ୍ରସ୍ତ କରିଥିଲେ। ପରଜଙ୍ଗରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିବା ବେଳେ ପରଜଙ୍ଗା ଜହ୍ନାପଡ ଦଳିତ ବସ୍ତି ଯାଇ ଲୋକମାନଙ୍କ ସହ ମିଶି ସମସ୍ୟା ବୁଝିଥିଲେ କେନ୍ଦ୍ର ମନ୍ତ୍ରୀ। ତେବେ ଏହି ଅବସରରେ ଜହ୍ନା ପଡା ଦଳିତ ବସ୍ତିର ଶରତ ନାମକ ଦଳିତ ପରିବାର ସହ ମିଶି ଶାଗ ଭାତ ଖାଇ କେନ୍ଦ୍ରମନ୍ତ୍ରୀ ମହାନତା ଦେଖାଇଛନ୍ତି ତାଙ୍କ



ଗରିବକୁଟୀରେ ପାଦ ପକାଇ ଜଣେ କେନ୍ଦ୍ରମନ୍ତ୍ରୀ ତଳେ ବସି ତାଙ୍କ ପରିବାର ସଦସ୍ୟ ଓ ଅନ୍ୟମାନଙ୍କ ସହ ମିଶି ଭାତ , ଶାଗ ଖାଇବା ନିଜକୁ ବେଶ ଗର୍ବିତ ଅନୁଭବ କରି ଖୁସିରେ ଗଦ ହୋଇଛନ୍ତି ଏହି ଦଳିତ ପରିବାର ଓ ବସ୍ତି ବାସିନ୍ଦା ଏ ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ଯାଇ କଥା ଓ ଭାଷଣ ବାଜିରେ ସମାଜରୁ ଅସ୍ପୃଶ୍ୟତା ଦୂର ହୁଏ ନାହିଁ। ଏହାକୁ ଦୂର କରିବାକୁ ହେଲେ ସେମାନଙ୍କ ସହ ନିବିଡ ସମ୍ପର୍କ ରହି ମିଳାମିଶା କରିବା ସହ ସମନ୍ୱୟ ରକ୍ଷା କରିବା ଉଚିତ। ବାବା ସାହେବ ଆମ୍ବେଦକରଙ୍କ ଆଜିର ଜନ୍ମ ଜୟନ୍ତୀ ଅବସରରେ ନିଜେ କେନ୍ଦ୍ର ମନ୍ତ୍ରୀ କାର୍ଯ୍ୟାରେ ଦେଖାଇ ଏପରି ଆହ୍ୱାନ ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଚର୍ଚ୍ଚାରେ ଜୟଦେବ ଜେନା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପଞ୍ଚାୟତ ଓ ପୌର ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ହୋଇଛି। ଦଳର ଏପରି ବିପର୍ଯ୍ୟର କାରଣ ଖୋଜା ଚାଲିଥିବା ବେଳେ ରାଜ୍ୟ ମୁଖିଆ ବଦଳାଇବାକୁ ଚାଲିଛି ଚର୍ଚ୍ଚା, ଏହି ଚର୍ଚ୍ଚାରେ ଘିଅ ଢାଳିଛନ୍ତି କେତେକ ବିଧାୟକ। ସେମାନେ ଖୋଲା ଖୋଲି ପିସିସି ସଭାପତି ପରିବର୍ତ୍ତନ ପାଇଁ ଯୁକ୍ତି ବାଢିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ଯିଦ ପିସିପି ସଭାପତି ବଦଳିବେ ତାହାହେଲେ ହେବେ କିଏ ? ଶୁଣିବାକୁ ମିଳୁଛି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏହି ରେସ୍ ରେ ଅଛନ୍ତି। କିନ୍ତୁ ଜୟଦେବ ଜେନା ଏହି ଚର୍ଚ୍ଚାକୁ ସିଧା ସିଧା ଖଣ୍ଡନ କରିଛନ୍ତି। ଗଣମାଧ୍ୟମକୁ ଜୟଦେବ ଜେନା କହିଛନ୍ତି- ପିସିସି ସଭାପତି ହେବାକୁ ଇଛା ନାହିଁ। ମୋର ଇଛା ନାହିଁ କି ମୁଁ ରେସ୍ ରେ ବିଶ୍ୱାସ ରଖିନି ମାନସିକ ସ୍ତରରେ ପ୍ରସ୍ତୁତ ମଧ୍ୟ ନାହିଁ ଓଡିଶା ପାଇଁ ହାଇକମାଣ୍ଡ ମୋତେ ଯେଉଁ ଦାୟିତ୍ୱ ଦେବେ., ତାକୁ ଗ୍ରହଣ କରିବି। ଶ୍ରୀ ଜେନା କହିଛନ୍ତି ମୋତେ ଯେଉଁ ଦାୟିତ୍ୱ ଦେବେ ତାକୁ ଗ୍ରହଣ କରିବି। ଶ୍ରୀ ଜେନା କହିଛନ୍ତି , ରେସ୍ତ ରେ ରହିବାକୁ ମୁଁ ବିଶ୍ୱାସ କରେନି। କାରଣ ଦୁଇ ଦୁଇ ଥର ପିସିସି ସଭାପତି ହୋଇଛି। ୨୦୦୪ମସିହାରେ ମୋ ନାଁ ଘୋଷଣା ହେଲା ଆଉ ୫ବର୍ଷ ପାଇଁ ପିସିସି ସଭାପତି ରହିଲି। ୨୦୧୩ମସିହାରେ ପୁଣି ଯେତେବେଳେ ପିସିସି ସଭାପତି ହେଲି,





ସେତେବେଳେ ହେବି ବୋଲି କାହାକୁ କହିନଥିଲି କି ଚେଷ୍ଟା ମଧ୍ୟ କରିନଥିଲି ବୋଲି ଶ୍ରୀ ଜେନା କହିଛନ୍ତି। ଶ୍ରୀ ଜେନା ଆହୁରି କହିଛନ୍ତି ନିକଟରେ ଶେଷ ହୋଇଥିବା ୫ରାଜ୍ୟରେ ନିର୍ବାଚନ ଫଳାଫଳ ଯେତେବେଳେ କଂଗ୍ରେସ ସପକ୍ଷରେ ଗଲାନି, ସେତେବେଳେ ସାଙ୍ଗଠନିକ ପରିବର୍ତ୍ତନ କରିବାକୁ ଶ୍ରୀ ଜେନା ଆହୁରି କହିଛନ୍ତି, ନିକଟରେ ଶେଷ ହୋଇଥିବା ୫ରାଜ୍ୟରେ ନିର୍ବାଚନ ଫଳାଫଳ ଯେତେବେଳେ କଂଗ୍ରେସ ସପକ୍ଷରେ ଗଲାନି ସେତେବେଳେ ସାଙ୍ଗଠନିକ ପରିବର୍ତ୍ତନ କରିବାକୁ କାର୍ଯ୍ୟାକାରିଣୀରେ ସୋନିଆ ଗାନ୍ଧିଙ୍କୁ କୁହାଯାଇଥିଲେ। ପ୍ରଥମେ ପର୍ଯ୍ୟାୟରେ ନିର୍ବାଚନ ଫଳାଫଳ ଖରାପ ହୋଇଥିବା କଂଗ୍ରେସ ସପକ୍ଷରେ ଗଲାନି ସେତେବେଳେ ସାଙ୍ଗଠନିକ ପରିବର୍ତ୍ତନ କରିବାକୁ ଶ୍ରୀ ଜେନା ଆହୁରି କହିଛନ୍ତି , ନିକଟରେ ଶେଷ ହୋଇଥିବା ୫ରାଜ୍ୟରେ ନିର୍ବାଚନ ଫଳାଫଳ ଯେତେବେଳେ କଂଗ୍ରେସ ସପକ୍ଷରେ ସପକ୍ଷରେ ଗଲାନି ସେତେବେଳେ ସାଙ୍ଗଠନିକ ପରିବର୍ତ୍ତନ କରିବାକୁ କାର୍ଯ୍ୟକାରିଣୀରେ ସୋନିଆ ଗାନ୍ଧିକୁ କୁହାଯାଇଥିଲେ। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଫଳାଫଳ ଯେତେବେଳେ କଂଗ୍ରେସ ସପକ୍ଷରେ ଗଲାନି , ସେତେବେଳେ ସାଙ୍ଗଠନିକ ଦୁର୍ବଳତା ଦେଖୁଛନ୍ତି, ସେଠାରେ ପରିବର୍ତ୍ତନ କରିବାକୁ ଶ୍ରମତୀ ଗାନ୍ଧି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସେହି କ୍ରମରେ ଓଡିଶାରେ ପିସିସି ପରିବର୍ତ୍ତନ ହୋଇପାରେ ବୋଲି ଗଣମାଧ୍ୟମରେ ଚର୍ଚ୍ଚାରେ ହେଉଛି। ତେବେ ଏହି ଆଲୋଚନାରେ କଣ ନିର୍ଯାସ ବାହାରିବ, ତାହା ଶ୍ରୀମତୀ ଗାନ୍ଧି ଓ ରାହୁଲ ଗାନ୍ଧି କହିପାରିବେ। ମୁଁ ଯେତେବେଳେ ବିଧାୟକ ଥିଲି, ସେତେବେଳେ ପିସିସି ସଭାପତି ହୋଇଥିଲି କିନ୍ତୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, କିଏ ସେହି ବିଧାୟକ ଯିଏ ପିସିସି ସଭାପତି ହେବେ ? ଯାହାଙ୍କ ଉପରେ ଲୋକଙ୍କ ଭରସା ଥିବ ଓ ଯିଏ ଦିନରାତି ୨୪ଘଣ୍ଟା ପରିଶ୍ରମ କରି ବିଜେପି ବିରୋଧରେ ଲଢେଇ କରିପାରିବେ। ଯିଏ ବି ପିସିସି ସଭାପତି ହେବେ ତାଙ୍କୁ ମୁଁ ସହଯୋଗ କରିବି ବୋଲି ଶ୍ରୀ ଜେନା କହିଛନ୍ତି।

## ଖୋଲିବ ଅଭିଯୋଗ ପ୍ରକୋଷ୍ଠ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଦୁଇ ବର୍ଷ ପରେ ପୁଣି ଥରେ ଖୋଲିବ ଅଭିଯୋଗ ପ୍ରକୋଷ୍ଠ। ଆସନ୍ତା ୧୮ତାରିଖରୁ ସବୁ ସରକାରୀ କାର୍ଯ୍ୟାଳୟରେ ହେବ ପ୍ରତ୍ୟକ୍ଷ ଅଭିଯୋଗ ଶୁଣାଣି । ପୂର୍ବପରି ପ୍ରତି ସୋମାନବାର ସାଧାରଣ ଲୋକଙ୍କ ଅଭିଯୋଗର ଶୁଣାଣି କରାଯିବ। ଏନେଇ ପ୍ରତ୍ୟକ୍ଷ ଅଭିଯୋଗ ପାଇଁ ସାଧାରଣ ଲୋକେ ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ ଓ କୃଷି ଭବନକୁ ପ୍ରବେଶ କରିବାକୁ ଅନୁମତି ପାଇବେ । ସେନେଇ ଗୃହ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ଜିଲ୍ଲା ସ୍ତରରେ ଜିଲ୍ଲାପାଳମାନେ





ଅଭିଯୋଗ ଶୁଣାଣି ନେଇ ଆଗୁଆ ପ୍ରଚାର କରିବେ। ଅଭିଯୋଗ ଶୁଣାଣି ସ୍ଥାନରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏମ୍ସରେ ଡାକ୍ତର ଅଭାବ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଭୁବନେଶ୍ୱରରେ ଥିବା କେନ୍ଦ୍ର ସରକାରଙ୍କ ଅନ୍ୟତନ ଚିକିତ୍ସା ପ୍ରତିଷ୍ଠାନ ଏମସରେ ନିୟମିତ ନିର୍ଦ୍ଦେଶକ ସମେତ ପ୍ରାୟ ୧୦୦ ଡାକ୍ତର ପଦବୀ ଖାଲି ପଡିଛି। ଚିକିତ୍ସା, ଗବେଷଣା ଓ ଡାକ୍ତରୀ ପାଠପଢା ପାଇଁ ଭୁବନେଶ୍ୱର ଏମ୍ସ ଉପରେ ଯେଉଁଳି ଚାପ ବଢୁଛି ତାହାର ମୁକାବିଲା ଲାଗି ଆଉ ଅନ୍ୟୂନ ୩୦୦ଡାକ୍ତର ଓ ଡାକ୍ତରୀ ଶିକ୍ଷକ ଏଠାରେ ନିଯୁକ୍ତ ହେବା କଥା କିନ୍ତୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଏବଂ କାର୍ମିକ ମନ୍ତ୍ରାଳୟ ସମନ୍ୱୟ ଅଭାବରୁ ଡାକ୍ତର ଅଭାବଜନିତ ସମସ୍ୟା ଦିନକୁ ଦିନ ଏଠାରେ ଉତ୍କଟତର ହେବାରେ ଲାଗିଛି। ଭୁବନେଶ୍ୱର ଏମସରେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର ନଥିବା ବେଳେ ବାଲେଶ୍ୱରସ୍ଥିତ ଏମସର ସାଟେଲାଇଟ କେନ୍ଦ୍ରରେ ୨ମାସ ଭିତରେ ଚିକିତ୍ସା ସୁବିଧା ଉପଲବ୍ଧ ହେବ ବୋଲି କୁହାଯାଉଛି। ଏଥିଲାଗି ପ୍ରତି ସପ୍ତାହର ଶନିବାର ଓ ରବିବାରରେ ଭୁବନେଶ୍ୱର ଏମସରେ କିଛି ଡାକ୍ତର ଯାଇ ବାଲେଶ୍ୱରରେ ରୋଗୀ ଦେଖିବା ସହିତ ଆବଶ୍ୟକ ପରାମର୍ଶ ହେବେ ବୋଲି ସୂଚନା ମିଳିଛି। ତେବେ ଅଧିକ ଡାକ୍ତର ପଦବୀରେ ନିଯୁକ୍ତି ନ ଦେଇ



ଭୁବନେଶ୍ୱରରୁ ଡାକ୍ତରମାନଙ୍କୁ ସପ୍ତାହରେ ଦୁଇଦିନ ବାଲେଶ୍ୱରରେ ରହି କାମ କରାଇଲେ ଭୁବନେଶ୍ୱର ଏମସ୍ ଉପରେ ରହିଥିବା ଚାପ ଢେର ଅଧିକ ବଢିଯିବ ବୋଲି ଆଶଙ୍କା କରାଯାଇଛି। ବାଲେଶ୍ୱରସ୍ଥିତ ଏମସର ସାଟେଲାଇଟ କେନ୍ଦ୍ର ପାଇଁ ୨୪ ଜଣ କନସଲ। ଡାକ୍ତରଙ୍କୁ ଠିକା ନିଯୁକ୍ତି ଦେବା ଲାଗି ପ୍ରସ୍ତାବ ରହିଛି ଏହି ପ୍ରସ୍ତାବ ଏବେ କେନ୍ଦ୍ର ସରକାରଙ୍କ ବିଚାରାଧୀନ ଅଛି ଯଦି କେନ୍ଦ୍ର ସରକାର ନିୟମିତ ଡାକ୍ତରୀ ଶିକ୍ଷକ ନିଯୁକ୍ତି ପରିବର୍ତ୍ତେ ଠିକାରେ କନସଲା ନିଯୁକ୍ତି ଲାଗି ଅନୁମିତ ଦିଅନ୍ତି ତେବେ ଦୁଇମାସ ଭିତରେ ଏହି ସାଟେଲାଇଟ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିବ। ଭୁବନେଶ୍ୱର ଏମସ୍ ରେ ଏବେ ଯେତିକି ବିଷୟ ରହିଛି ତାହା ପର୍ଯ୍ୟାପ୍ତ ନଥିବାରୁ ଡାକ୍ତରୀ ପାଠପଢା ତଥା ରୋଗୀଙ୍କ ଉନ୍ନମ ଚିକିତ୍ସା ଲାଗି ବାୟେଟେକ୍ନୋଲୋଜି ଇମ୍ୟୁନୋଜନେଟିକ୍ସ ଆଦି ବିଭାଗ ଖୋଲିବାର ଆବଶକୁକତା ରହିଛି ବୋଲି ଏମସର ଅନେକ ଡାକ୍ତର ସ୍ୱୀକାର କରୁଛନ୍ତି। ଭବନେଶ୍ୱର ଏମସରେ ଏବେ ରୋଗୀ ଚିକିତ୍ସା କ୍ଷେତ୍ରରେ ସିନୟର ରେସିଡେନ୍ସ ଡାକ୍ତରମାନେ ପ୍ରମୁଖ ଭୁମିକା ଗ୍ରହଣ କରୁଛନ୍ତି।

## ଭାରତୀୟ ଦୂତାବାସକୁ ପତ୍ର ଲେଖିଲେ ବୈଜୟନ୍ତ





**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସାଉଦି ଆରବରେ କାମ କରୁଥିବା ବାଲୁଗାଁ ବ୍ଲକ୍ ଅନ୍ତର୍ଗତ ଆଙ୍କୁଳା ଗାଁର ବିଜୟ ଜେନାଙ୍କ ବଡପୁଅ ଗୁରୁଦେବଙ୍କ ମୃତ୍ୟୁର ୧ମାସ ବିତିଯାଇଥିଲେ ମଧ୍ୟ ତାଙ୍କ ମରଶରୀର ଘରକୁ ଫେରି ପାରି ନାହିଁ। ଏନେଇ ଭାଜପାର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଉଦ୍ୟମ ଆରମ୍ଭ କରିଛନ୍ତି। ଗୁରୁଦେବଙ୍କ ମରଶରୀର ଆଣିବା ଦିଗରେ ସହାୟତା କରିବା ନିବେଦନ କରି ସାଉଦି ଆରବରେ ଥିବା ଭାରତୀୟ ଦୂତାବାସକୁ ଚିଠି ଲେଖିଛନ୍ତି।

**ସାଉଦି ଆରବରେ ଓଡ଼ିଆ ଯୁବକ ଗୁରୁଦେବଙ୍କ ମୃତ୍ୟୁ ଘଟଣା**

ଗୁରୁଦେବ ସାଉଦି ଆରବରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଚଳିତ ବର୍ଷ ମାର୍ଚ୍ଚ ୧୯ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସୂଚନା ପାଇବା ପରେ ଗୁରୁଦେବଙ୍କ ମରଶରୀରକୁ ଆଣିବା ପାଇଁ ତାଙ୍କ ପରିବାର ସଦସ୍ୟ ସ୍ଥାନୀୟ ଶ୍ରମ ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ନିବେଦନ କରି ବିଫଳ ହୋଇଥିଲେ। ଏ ନେଇ ସେମାନେ ଅଞ୍ଚଳର ବରିଷ୍ଠ ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଜଣାଇବା ପରେ ଶ୍ରୀ ହରିଚନ୍ଦନଙ୍କ ଅନୁରୋଧ କ୍ରମେ ବୈଜୟନ୍ତ ପଣ୍ଡା ଏ ନେଇ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଆରମ୍ଭ କରିଛନ୍ତି। ସାଉଦି ଆରବରେ ଥିବା ଭାରତୀୟ ଦୂତାବାସକୁ ଚିଠି ଲେଖି ଗୁରୁଦେବଙ୍କ ମରଶରୀର ଭାରତ ଆଣିବା ଦିଗରେ ସହାୟତା କରିବାକୁ ଅନୁରୋଧ କରିଛନ୍ତି।

## ଫେସିଆଲ ଓ ମସାଜ ନାଁରେ ସେକ୍ସ ର୍ୟାକେଟ ଚାଲିଥିବା ଅଭିଯୋଗ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବଡବଜାର ଛକରେ ଥିବା ଏକ ଫେସିଆଲ ଓ ମସାଜ ନାମରେ ଥିବା ଦୋକାନରେ ସେକ୍ସ ର୍ୟାକେଟ ଚାଲିଥିବା ନେଇ ସ୍ଥାନୀୟ ବାସିନ୍ଦା ଥାନାରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସୀନ୍ଦା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି କି ତାଙ୍କ ଛକରେ ଥିବା ଫେସିଆଲ ଦୋକାନରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଯୁବତୀ ମାନଙ୍କୁ ଆଣିବା ସହିତ କଲିକତାରୁ ମଧ୍ୟ କିଛି ଯୁବତି ଆସି ସେଠାରେ ସେକ୍ସ ର୍ୟାକେଟ ଚଳାଇଥିବାର ଥାନରେ ଚଳାଇଥିବା ଅଭିଯୋଗ ହୋଇଛି। ଏହା ହେବା ସତ୍ତ୍ୱେ ସ୍ଥାନୀୟ ଅଞ୍ଚଳରେ କୁପ୍ରଭାବ ପଡୁଥିବା ମଧ୍ୟ ସ୍ଥାନୀୟ ଅଞ୍ଚଳର ବାସୀନ୍ଦା କହିଛନ୍ତି। ତେବେ ସ୍ଥାନୀୟ ବାସୀନ୍ଦାଙ୍କ ଅଭିଯୋଗ ପାଇଁ ଥାନା ପକ୍ଷରୁ ତଦନ୍ତ କରାଯାଉଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ବାସୀନ୍ଦା ଜିଲ୍ଲାପାଳ ଓ କ୍ରାଇମବ୍ରାଞ୍ଚକୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଏହାକୁ ବନ୍ଦ କରିବାକୁ ସାଧାରଣରେ ଦାବୀ ହୋଇଛି।

## ଶସ୍ତା ହୋଇପାରେ ଖାଇବା ତେଲ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଗତ କିଛି ମାସ ହେବ ଦର ବୃଦ୍ଧିକୁ ନେଇ ସାରା ଦେଶରେ ଆଲୋଡନ ସୃଷ୍ଟି ହୋଇଛି। ଆଗାମୀ କିଛିଦିନ ମଧ୍ୟରେ ଖାଇବା ତେଲ ଦର ଶସ୍ତା ହୋଇପାରେ ବୋଲି ବିଶେଷଜ୍ଞ ସୂତ୍ରରୁ ଜଣାପଡିଛି। ଏପରିକି ସରକାର ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଯୋଜନା କରୁଛନ୍ତି। ମିଳିଥିବା ସୂଚନା ଅନୁସାରେ



ଖାଇବା ତେଲ ଉପରେ ଲାଗୁ ହେଉଥିବା ୨ଟି ସେସ୍‌ରେ ପରିମାଣ ହ୍ରାସ କରିବାକୁ ସରକାର ଯୋଜନା ରଖିଛନ୍ତି। ଏହାଛଡା ସରକାର ଖାଇବା ତେଲର ଆମଦାନୀ ଶୁଳ୍କ ଉପରେ ବର୍ତ୍ତମାନର ହ୍ରାସକୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବଢାଇବାକୁ ଯୋଜନା କରୁଛନ୍ତି। ଖାଇବା ତେଲ ଆମଦାନୀ ଉପରେ ବର୍ତ୍ତମାନ ୫.୫% ଶୁଳ୍କ ରହିଛି।

## ମୁଁ ଭାରତ ବିରୋଧୀ ନୁହେଁ:ଇମ୍ରାନ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଦୃଢ ଭାବେ କହିଛନ୍ତି ଯେ, ଶେହବାଜ ଶରିଫଙ୍କ ନେତୃତ୍ୱାଧୀନ ସରକାର ତାଙ୍କୁ ଦେଶର ରାଜନୀତିରୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି। ଏହା ସହିତ ଇମ୍ରାନ୍ ତାଙ୍କ ସରକାରକୁ ଟପିଯିବାର ଘଟଣାକୁ ଏକ ସ୍ଥିର ମ୍ୟାଚ୍ ବୋଲି କହିଛନ୍ତି। ଏହି ଷଡଯନ୍ତ୍ରର ଉଦ୍ଦେଶ୍ୟ ହେଉଛି ପାକିସ୍ତାନ ବିଦେଶୀ ଶକ୍ତିର ଦାସ କରିବା। ମୁଁ ପାକିସ୍ତାନର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ସଂଗ୍ରାମ କରୁଛି। ଶନିବାର ରାତିରେ କରାଚିରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ୍(ପିଟିଆଇ) ମୁଖ୍ୟ ଇମ୍ରାନ୍ ସମ୍ବୋଧିତ କରିଛନ୍ତି। ସେ ଲୋକମାନଙ୍କୁ ପଚାରିଥିଲେ, ସେମାନେ ଅନୁଭବ କରୁଛନ୍ତି କି ମୋ' ସରକାର ଷଡଯନ୍ତ୍ରର ଶିକାର ହୋଇଛନ୍ତି। ଇମ୍ରାନ କହିଛନ୍ତି, ସେ ପାକିସ୍ତାନର ଆଗାମୀ ପିଢିର ଭବିଷ୍ୟତ ପାଇଁ ଲଢୁଛନ୍ତି। ବୈଦେଶିକ ଦାନ ମାମଲାରେ ପିଟିଆଇ ବିରୋଧରେ ଛିଡା ହୋଇଥିବା ଇମ୍ରାନ କହିଛନ୍ତି, ତାଙ୍କୁ ପାକିସ୍ତାନ ରାଜନୀତିରୁ ବହିଷ୍କାର କରିବା ପାଇଁ ଏପରି ମାମଲା ସହ ଯୋଡା ଯାଉଛି।



## ୨୦୨୪ ନିର୍ବାଚନ ରାଜନୀତି ପାଣିପାଗ ସରଗରମ

- ବିଜେଡି ଆକ୍ରମଣ ମୁଡ୍‌ରେ
- ପ୍ରତିଆକ୍ରମଣ ପାଇଁ ପ୍ରସ୍ତୁତ ବିଜେପି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଆଗକୁ ପୁଣି ବଡ ଲଢେଇ। ୨୦୨୪ ନିର୍ବାଚନ ପାଇଁ ରାଜନୀତି ପାଣିପାଗ ସରଗରମ। କେନ୍ଦ୍ରର ଆକାଂକ୍ଷୀ ଜିଲ୍ଲା ସମୀକ୍ଷା ପରେ ସତର୍କ ରାଜ୍ୟ। ରାଜନୈତିକ ଲଢେଇ ପାଇଁ ବିଜୁ ଜନତା ଦଳର ସଜବାଜ। ଚାଷୀ ପ୍ରସଙ୍ଗ, ସ୍ୱାମୀନାଥନ ସୁପାରିଶ ଧରି ରାସ୍ତାକୁ ଓହ୍ଲାଇବେ। ସେପଟେ ଏନଏସପି ବୃଦ୍ଧି ପ୍ରସଙ୍ଗରେ କେନ୍ଦ୍ରକୁ ଘେରିବାକୁ ଯୋଜନା। କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଧରି ବିଜେପିକୁ ଅଟକାଇବେ ବିଜେଡି। ସଂସଦରେ ଗର୍ଜନ ତର୍ଜନ ହେବ, ରାଜରାସ୍ତାରେ ହେବ ଲଢେଇ। ସେପଟେ ବିଜେପି ବି ପ୍ରସ୍ତୁତ, ଅକ୍ଷୟ ତୃତୀୟାରୁ ଅନୁକୂଳ କରିବେ।

୨୦୨୪ ପାଇଁ ଏବେଠୁ ହେଲାଣି ଲଢେଇ। ବିଜେପିର ବଦଳିଲାଣି ଆଭିମୁଖ୍ୟ ଆଉ ଆଟାକିଂ ମୁଡ୍‌ରେ ବିଜୁ ଜନତା ଦଳ। ପଞ୍ଚାୟତ ଓ ପୌର ନିର୍ବାଚନ ପରେ ମୁହାଁ ମୁହିଁ ବିଜେଡି ଓ ବିଜେପି। ଆରମ୍ଭ ହୋଇଛି ଆକ୍ରମଣ ଓ ପ୍ରତିଆକ୍ରମଣ। ସେପଟେ କେନ୍ଦ୍ରମନ୍ତ୍ରୀଙ୍କ ଆକାଂକ୍ଷା ଜିଲ୍ଲା ଗସ୍ତ ଓ ବିପର୍ଯ୍ୟସ୍ତ ଆଇନ୍‌ଶୃଙ୍ଖଳା ସ୍ଥିତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନିୟମିତ ଟାର୍ଗେଟ୍ କରୁଛି ବିଜେପି। ଯାହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ଦୁଇ ଦଳ। ଆକାଂକ୍ଷୀ ଜିଲ୍ଲା ସମୀକ୍ଷା ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳ ଆସିଥିବା ବେଳେ ରାଜ୍ୟ ସରକାରଙ୍କ ଉପରେ ଜୋରଦାର ବର୍ଷିଛନ୍ତି। ଏଣେ କେନ୍ଦ୍ରମନ୍ତ୍ରୀଙ୍କ ଆକାଂକ୍ଷୀ ଜିଲ୍ଲାକୁ ଗସ୍ତ ନେଇ ବି ତେଜିଛି ରାଜନୀତି। ଗତକାଲି କେନ୍ଦ୍ରମନ୍ତ୍ରୀ ସଂଜୀବ ବାଲ୍ୟାନଙ୍କ କରୋପୁଟ ଗସ୍ତବେଳେ ଜିଲ୍ଲା ପ୍ରଶାସନ ସହଯୋଗ କରିନଥିବା ଅଭିଯୋଗ ଉଠିଥିଲା। ତେବେ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ବିକାଶ ପାଇଁ ନୁହେଁ କେବଳ ରାଜନୀତି ବୋଲି କହି ପ୍ରତିଆକ୍ରମଣ କରିଛି ବିଜୁ ଜନତା ଦଳ। ସେପଟେ ରାଜ୍ୟର ବିକାଶ ଲାଗି କେନ୍ଦ୍ର ହାତ ବଢୁଥିବାବେଳେ ରାଜ୍ୟର



ଅସହଯୋଗ, ଦୁର୍ଭାଗ୍ୟଜନକ ବୋଲି କହିଛି ଭାରତୀୟ ଜନତା ପାର୍ଟି। ତେବେ ରାଜନୈତିକ ହିଂସା ପ୍ରସଙ୍ଗକୁ ନେଇ ବି ଦୁଇ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ହୋଇଛି। ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ କରିଛନ୍ତି ଆକାଂକ୍ଷୀ ଜିଲ୍ଲା ସମୀକ୍ଷା ଲାଗି ଢେଙ୍କାନାଳ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେବେ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବ ବୋଲି ପ୍ରଶ୍ନ କରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ ? ତେବେ ଧର୍ମେନ୍ଦ୍ରଙ୍କ ପ୍ରଶ୍ନର ଉତ୍ତରରେ ବିଜେଡି କହିଛି ରାଜ୍ୟ ତୁଳନାରେ ଓଡ଼ିଶାର ଆଇନ ଶୃଙ୍ଖଳା ସ୍ଥିତି ଠିକ ଅଛି। କିଛି ଘଟଣାକୁ ଧର୍ମେନ୍ଦ୍ର ଅତିରଞ୍ଜିତ କରିଥିବା ଦଳୀୟ ନେତା କହିଛନ୍ତି।

ପଞ୍ଚାୟତ ଓ ପୌର ନିର୍ବାଚନ ପରେ ଏବେ ସବୁ ଦଳର ଟାର୍ଗେଟ୍‌ରେ ୨୦୨୪ ସାଧାରଣ ନିର୍ବାଚନ। ବିଜେପି ଏହାର ଓଡ଼ିଶା ରଣନୀତି ପରିବର୍ତ୍ତନ କରିଥିବା ଚର୍ଚ୍ଚା ହେଉଥିବାରୁ ଦୁଇ ଦଳଙ୍କ ମଧ୍ୟରେ ଆଗକୁ ଲଢେଇ ଆହୁରି ଜୋରଦାର ହେବ ବୋଲି କୁହାଯାଉଛି। ତେବେ ଏହି ଲଢେଇରେ ବାସ୍ତବତା ରହିଛି ନା ଏହା କେବଳ ଛନ୍ଦ ଲଢେଇ ତାକୁ ନେଇ ଏବେଠୁ ଚର୍ଚ୍ଚା ଆରମ୍ଭ ହୋଇଛି।

ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)

ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।

Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera